୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.84 Bhubaneswar Wednesday May 08 2024 ୨୬ତମ ବର୍ଷ ସଂଖ୍ୟା-୮୪ ଭୁବନେଶ୍ୱର, ବୁଧବାର, ମଇ ୦୮, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS




# ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି



## ମହିଳାଙ୍କ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- ସୁଭଦ୍ରା ଯୋଜନା:
  ପ୍ରତ୍ୟେକ ମହିଳାଙ୍କୁ ୫୦,୦୦୦ ଟଙ୍କାର ଭାଉଚର ଯାହା ୨ ବର୍ଷ ମଧ୍ୟରେ ଉପଯୋଗ ହୋଇପାରିବ
- ଓଡ଼ିଶାରେ ୨୫ ଲକ୍ଷ ଲକ୍ଷପତି ଦିଦି ଏବଂ ପ୍ରତ୍ୟେକ ୫୦୦ SHG ପାଇଁ ଶିଳ୍ପ କ୍ଲଷ୍ଟର
- ମୋ ମେଧାବୀ ଝିଅ ଯୋଜନା: ସମସ୍ତ ବିପିଏଲ ଝିଅମାନଙ୍କ ପାଇଁ ୨,୦୦,୦୦୦ ଟଙ୍କାର ର ଆଶ୍ୱାସନା ପ୍ରମାଣପତ୍ର
- ମାତୃତ୍ୱ ସୁରକ୍ଷା ଯୋଜନା: ୬ଟି ପୋଷଣ କିଟ୍ ପାଇଁ ୨୧,୦୦୦ ଟଙ୍କା ସହାୟତା



## ସୁଶାସନ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- ଦୁର୍ନୀତିର ଅନ୍ତ: ଭ୍ରଷ୍ଟାଚାର ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି
- ଚିଟ ଫଣ୍ଡ ପ୍ରତାରଣାର ଶିକାର ବ୍ୟକ୍ତିଙ୍କୁ ଟଙ୍କା ଫେରସ୍ତ, ଡିଏମଏଫ ପାଣ୍ଠିର ସଠିକ ବ୍ୟବହାର
- ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର: ରତ୍ନଭଣ୍ଡାର ଚାବି ଠାବ, ରତ୍ନ ଭଣ୍ଡାର ହିସାବର ତଥ୍ୟ ସାର୍ବଜନୀନ
- ପ୍ରତ୍ୟେକ ଗ୍ରାମରେ ଇଣ୍ଟରନେଟ୍, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସେବା ସୁବିଧା



## ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ୩୦,୦୦୦ ଶଯ୍ୟା ଉପଲବ୍ଧ ହେବ
- ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ କଲେଜ, ନର୍ସିଂ କଲେଜ ଏବଂ ସୁପର ସ୍ପେସିଆଲିଟି ହସ୍ପିଟାଲ ପ୍ରତିଷ୍ଠା
- ସୁନ୍ଦରଗଡ଼, କେନ୍ଦୁଝର ଏବଂ ଜୟପୁରରେ ୩୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ



## ସମୃଦ୍ଧ ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- ଏମ୍.ଏସ୍.ଏମ୍.ଇ. ଗୁଡ଼ିକୁ ପ୍ରୋତ୍ସାହନ
- ୪ଟି ସହରରେ ନୂଆ ଆଇ.ଟି. ପାର୍କର ନିର୍ମାଣ
- ଶିଳ୍ପ କ୍ଷେତ୍ରରେ ଓଡ଼ିଶା ହେବ ଅଗ୍ରଣୀ
- ଉତ୍କର୍ଷ ଉଦ୍ୟମ ଯୋଜନା: ରପ୍ତାନୀରେ ଓଡ଼ିଶା ୫ମ ବୃହତ ରାଜ୍ୟ ହେବ
- ସମସ୍ତ ଜୋନ୍ ରେ ମେଗା ଫୁଡ ପାର୍କ ସ୍ଥାପନ



## ଯୁବଗୋଷ୍ଠୀଙ୍କୁ ମୋଦୀଙ୍କ ଗ୍ୟାରେଣ୍ଟି

- ୧.୫ ଲକ୍ଷ ସରକାରୀ ପଦବୀରେ ନିଯୁକ୍ତି
- ନୂତନ ୩.୫ ଲକ୍ଷ ପଦବୀ ସୃଷ୍ଟି କରାଯିବ
- ଆଉ ବାହାର ଖଟିବାକୁ ଯିବେନି ଶିକ୍ଷିତ ଯୁବପିଢ଼ି



## କୃଷକ ସମୃଦ୍ଧି ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- ସମୃଦ୍ଧ କୃଷକ ନୀତି: କୁଇଣ୍ଟାଲ ପିଛା ଧାନର କ୍ରୟ ମୂଲ୍ୟ ୩,୧୦୦ ଟଙ୍କା
- DBT ମାଧ୍ୟମରେ କେବଳ ୪୮ ଘଣ୍ଟା ଭିତରେ ମିଳିବ ପ୍ରାପ୍ୟ, କଟନି-ଛଟନି ସମାପ୍ତ କରିବୁ
- ୧୦ଟି ନୂଆ ଜଳସେଚନ ପ୍ରକଳ୍ପ ଏବଂ ଦ୍ୱିଗୁଣ ହେବ ଜଳସେଚନଯୁକ୍ତ ଚାଷ ଜମି
- ମତ୍ସ୍ୟଜୀବୀଙ୍କ ମାଛ ଧରା ବନ୍ଦ ଅବସ୍ଥାରେ ବାର୍ଷିକ ୧୦,୦୦୦ ଟଙ୍କାର ଭତ୍ତା



## ଜନଜାତି କଲ୍ୟାଣ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- କେନ୍ଦୁ ପତ୍ର ତୋଳାଳୀ କଲ୍ୟାଣ ଯୋଜନା:
  କେରୀ ପିଛା ୨ ଟଙ୍କା, କେନ୍ଦୁପତ୍ର ତୋଳାଳୀ ଓ ବନ୍ଧାଳୀଙ୍କୁ ବୋନସ
- ମାଧୋ ସିଂ ହାତ ଖର୍ଚ୍ଚ: ଡ୍ରପଆଉଟ୍ ହାର ହ୍ରାସ ପାଇଁ ଆଦିବାସୀ ଛାତ୍ରଙ୍କୁ ବାର୍ଷିକ ୫,୦୦୦ ଟଙ୍କା
- ମହୁଲ ପାଇଁ ସର୍ବନିମ୍ନ ସହାୟକ ରାଶି, ମହୁଲ ବାଛାଳୀଙ୍କୁ ବୋନସ ଏବଂ ନୂଆ ମହୁଲ ବ୍ୟବସାୟ ଉଦାରୀକରଣ ନୀତି



## ସମାଜ କଲ୍ୟାଣ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- ପିଏମ ଆବାସ ଯୋଜନାରେ ୧୫ ଲକ୍ଷ ଗରିବଙ୍କୁ ପକ୍କା ଘର
- ଜଳ ଜୀବନ ମିଶନରେ ୨୨ ଲକ୍ଷ ପରିବାରଙ୍କୁ ପାନୀୟ ଜଳ ଯୋଗାଣ
- ସମସ୍ତ ବରିଷ୍ଠ ବ୍ୟକ୍ତି, ଦିବ୍ୟାଙ୍ଗ, ବିଧବା ତଥା ନିରାଶ୍ରୟ ଲୋକଙ୍କୁ ମାସିକ ୩,୦୦୦ ଟଙ୍କା
- ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଓ ୮୦% ରୁ ଅଧିକ ଦିବ୍ୟାଙ୍ଗତା ଥିବା ବ୍ୟକ୍ତିଙ୍କୁ ମାସିକ ୩,୫୦୦ ଟଙ୍କାର ଭତ୍ତା
- ପିଏମ-ସୂର୍ଯ୍ୟ ଘର ଅନ୍ତର୍ଗତ ସମସ୍ତ ଗ୍ରାମୀଣ ଓ ସହରୀ ପରିବାରଙ୍କୁ ମାଗଣା ବିଜୁଳି ଯୋଜନା
- ବୁଣାକାର ସମ୍ମାନ ନିଧି: ୪୦ ରୁ ୬୦ ବର୍ଷ ବୟସ୍କ ବୁଣାକାରମାନଙ୍କୁ ମାସିକ ୩,୦୦୦ ଟଙ୍କା
  ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୁଣାକାରଙ୍କୁ ମାସିକ ୩,୫୦୦ ଟଙ୍କାର ସହାୟତା ରାଶି




## ଆମ ଓଡ଼ିଶା, ଆମ ଅସ୍ମିତା, ଆମ ପରିଚୟ

- ପର୍ଯ୍ୟଟନ ଅର୍ଥନୀତିର ବିକାଶ ହୋଇ
  ଓଡ଼ିଶା ଦୁନିଆର ସର୍ବବୃହତ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହେବ
- ଶ୍ରୀଜୀଉ ମହାପ୍ରସାଦ ବିତରଣ ପାଇଁ ପ୍ରତି ଜିଲ୍ଲାରେ ମହାପ୍ରସାଦ ବିତରଣ କେନ୍ଦ୍ର
- ସ୍ୱୀକୃତିପ୍ରାପ୍ତ ମଠଗୁଡ଼ିକୁ ଜମି ଆବଣ୍ଟନ ଏବଂ ମଠ ଗୁଡ଼ିକର ପୁନରୁଦ୍ଧାର ପାଇଁ
  ୫ ଲକ୍ଷ ଟଙ୍କା ସହାୟତା ରାଶି



## ଓଡ଼ିଶା ନିର୍ମାଣ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- ସମ୍ପୂର୍ଣ୍ଣ ଓଡ଼ିଶା ସଂଯୋଗୀକରଣ ପାଇଁ ୭୫,୦୦୦ କିମିର ଗ୍ରାମୀଣ ଓ ରାଜ୍ୟ ରାଜପଥ ନିର୍ମାଣ
- ସେତୁ ବନ୍ଧନ ଯୋଜନା: କାଠ ପୋଲ ବଦଳରେ ୫୦୦ ନୂଆ କଂକ୍ରିଟ ପୋଲ ନିର୍ମାଣ

ଦୁଇଥର ପଦ୍ମ ଦୁଇଗୁଣା ବିକାଶ

# ଓଡ଼ିଶାରେ ହେବ ବିଜେପି ସରକାର








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣିତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣମାକୁ ପଣ୍ଡୁ ପୂର୍ଣ୍ଣମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣମାର ନାଁ ପଣ୍ଡୁ ପୂର୍ଣ୍ଣମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣା । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଉଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାଂସ୍କୃତି ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।


ବିଛା
ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ଆନ୍ତର୍ଜାତିକ ଦୃଶ୍ୟପଟ୍ଟରେ ଭାରତୀୟ ନାରୀ

ଯେଉଁ କଥାଟି ସମୟକ୍ରମେ ଅବହେଳିତ ହୋଇଯାଏ, ଯେଉଁ ବ୍ୟକ୍ତିବିଶେଷଙ୍କ ପ୍ରତି ଯଦି ଯଥୋଚିତ ସମ୍ମାନ ପ୍ରଦର୍ଶନ କରା ନ ଯାଏ, ସେ କ୍ଷେତ୍ରରେ ଉକ୍ତ ପରିବେଶ ବା ସାମାଜିକ ଶୃଙ୍ଖଳା ମଧ୍ୟରେ ନାନା ବିଭ୍ରାଟ ଘଟି ସନ୍ତୁଳନରେ ବ୍ୟାଘାତ ଆସେ। ପରବର୍ତ୍ତୀ ସମୟରେ ଏହାର ପୂର୍ବବସ୍ଥାକୁ ଫେରାଇ ଆଣିବାକୁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ବା ଜାତୀୟ ସ୍ତରରେ ନାନା ପ୍ରଚେଷ୍ଟା କରାଯାଏ ଏବଂ ଏଥିପାଇଁ ନିର୍ଦ୍ଦିଷ୍ଟ ଦିବସ ବା ସମୟକୁ ସମ୍ମାନ ଦେଇ ପାଳନ କରାଯାଏ ଓ ସେହି ଉଦ୍ଦେଶ୍ୟକୁ ନେଇ ଦିବସ ବା ସମୟକୁ ନାମିତ କରାଯାଏ। ଏହିପରି ଆନ୍ତର୍ଜାତିକ ବା ଜାତୀୟ ସ୍ତରରେ ଯେତେ ଦିବସ ପାଳନ କରାଯାଏ, ସେମାନଙ୍କ ମଧ୍ୟରେ ମହିଳା ଦିବସ ଅନ୍ୟତମ। ଏହି ଦିବସଟି ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତିକ ସ୍ତରରେ ପାଳିତ ହୁଏ।

ନାରୀହିଁ ଆଦ୍ୟାଶକ୍ତି, ଈଶ୍ୱରୀ। ସେ ଆମ ପାଖରେ ଦେବୀ, ଜନ୍ମଦାତ୍ରୀ, ଭଗିନୀ, ଜାୟା ଏବଂ ଧାତ୍ରୀ ରୂପେ ସଦ୍ୟ ବିଦ୍ୟମାନ। ସେ କେବେ ସେବିକା ତ କେବେ ପୁଣି ପ୍ରେମିକା ରୂପେ ପ୍ରେମ ଆହ୍ଲାଦିନୀ। କେବେ ସୃଜନର କର୍ତ୍ତ୍ରୀ ତ କେବେ ଅନ୍ୟାୟ ଏବଂ ଅତ୍ୟାଚାର ବିରୁଦ୍ଧରେ ଦୁର୍ଗା, ସଂହାରକାରିଣୀ; ଆଉ କେତେବେଳେ ସେ ବିପଦନାଶିନୀ, ମା' ତାରିଣୀ ଓ ଅଭୟଦାୟିନୀ।

ବୈଦିକ ଯୁଗରୁ ନାରୀର ସ୍ଥାନ ସମାଜରେ ପୁରୁଷ ସହିତ ସମାନ ଥିଲା। ସେ ପୁରୁଷର ଦୁଃଖ-ସୁଖରେ ସହଭାଗିନୀ ଥିଲା। ଦାମ୍ପତ୍ୟ ଜୀବନରେ ସହଧର୍ମୀ ହେତୁ ସେ ସହଧର୍ମଣୀ ଥିଲା । ପୁରୁଷପରି ନାରୀମାନଙ୍କର ସମାଜରେ ମଧ୍ୟ କିଛି ନାମକରା ଆସନ ଥିଲା। ଅନେକ ନାରୀ ନିଜସ୍ୱ କୃତିତ୍ୱ ବଳରେ ଏଯାବତ୍ ତାଙ୍କ ନାମକୁ ସ୍ୱର୍ଣ୍ଣାକ୍ଷରରେ ଇତିହାସରେ ଲେଖିଯାଇଛନ୍ତି। ଏହିପରି ପ୍ରାଚୀନ ଯୁଗୀୟ ନାରୀମାନଙ୍କ ମଧ୍ୟରେ ଅଛନ୍ତି ବିଶ୍ୱବରା, ଲୋପାମୁଦ୍ରା, ମୈତ୍ରେୟୀ, ଗାର୍ଗୀ, ଲୀଳାବତୀ, ସୀତା ଏବଂ ସାବିତ୍ରୀ; ମଧ୍ୟଯୁଗୀୟ ନାରୀମାନଙ୍କ ମଧ୍ୟରେ ଅଛନ୍ତି ଅହଲ୍ୟାବାଈ, ମୀରାବାଈ, ଦୁର୍ଗାବତୀ, ପଦ୍ମିନୀ, ଝାନସୀ ରାଣୀ ଲକ୍ଷ୍ମୀବାଈ ଇତ୍ୟାଦି।

ମା' ହିସାବରେ ନାରୀଟିଏ କେତେ ଗୁଣୀ, ଜ୍ଞାନୀ ଓ ମହାପୁରୁଷଙ୍କର ସେ ଜନନୀ; ରାମ, ରହିମ, କୃଷ୍ଣ, ଯୀଶୁ, ବୁଦ୍ଧ, ମହାବୀର, ଚୈତନ୍ୟ, ବିବେକାନନ୍ଦ, ମଦର ଟେରେସା ଏବଂ ଗାନ୍ଧି ଇତ୍ୟାଦି ଯୁଗ ଏବଂ ଯୋଗଜନ୍ମାଙ୍କର, ସେ ଦେବୀ, ଶ୍ରୀଦେବୀ। ଏହି କାରଣରୁ ମା'ର ବନ୍ଦନାହିଁ ପ୍ରଥମ। ତା' ବିନା ସୃଷ୍ଟି ହିଁ ସ୍ୱପ୍ନ ନାହିଁ। ତାହାର କରୁଣାରୁ ବହୁଛି ମଣିଷ ଜାତିର ଜୀବନ ଗଙ୍ଗା। ସେ ହିଁ ପତିତପାବନୀ ମା' ଗଙ୍ଗା। ଏଥିପାଇଁ ଯୁଗଯୁଗ ଧରି ନାରୀ ଜାତିର ସମ୍ମାନ ସର୍ବଦା ଉର୍ଦ୍ଧ୍ୱରେ ରହିଅଛି।

ଦ୍ୱାଦଶ ଶତାବ୍ଦୀ ବେଳକୁ ନାରୀ ହେଲା ପୁରୁଷର କ୍ରୀଡ଼ନକ; ପୁରୁଷର ଭୋଗ ସାମଗ୍ରୀ। ସମାଜରେ ବାଲ୍ୟ ବିବାହ, ପରଦାପ୍ରଥା, ସତୀଦାହ ପ୍ରଥା, ଯୌତୁକ ପ୍ରଥା, ବହୁନାରୀ ବିବାହ ପ୍ରଥା ଇତ୍ୟାଦି କୁସଂସ୍କାର ପ୍ରବେଶ କଲା। ସେ ହେଲା ନିର୍ଯାତିତା, ପୁଣି



ପଣ୍ୟଦ୍ରବ୍ୟ। କୋଉଠି ହେଲା ପୋଇଲି, ଦାସୀ ତ' କୋଉଠି ଖଟିଲା ଗୋଟି। ସବଳା ନାରୀ ପାଲଟିଗଲା ଦୁର୍ବଳା।

ପୁଣି ସମୟର ଚକ ଘୂରିଲା। ଅନେକ ସଂସ୍କାରବାଦୀ ନାରୀମାନଙ୍କର ସ୍ଥିତିର ପରିବର୍ତ୍ତନ ତଥା ସମାଜରେ ତାଙ୍କୁ ନ୍ୟାର୍ଯ୍ୟଦାବୀ ପୂରଣରେ ଅଣ୍ଟା ଭିଡ଼ିଲା। ଏହିପରି ମର୍ଯ୍ୟାଦାବନ୍ତ ବ୍ୟକ୍ତିମାନେ ହେଲେ ରାଜା ରାମମୋହନ ରାୟ, ଈଶ୍ୱରଚନ୍ଦ୍ର ବିଦ୍ୟା ସାଗର ଏବଂ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ପ୍ରମୁଖ। ଭାରତର ସ୍ୱାଧୀନତା ସଂଗ୍ରାମ ଅର୍ଥାତ୍ ୧୮୫୭ ମସିହାଠାରୁ ଭାରତୀୟ ନାରୀମାନଙ୍କ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଜାଗରଣ ଘଟିଛି। ସେମାନେ ସ୍ୱତଃପ୍ରବୃତ୍ତ ଭାବେ ଇଂରେଜ ବିରୁଦ୍ଧରେ ସଂଗ୍ରାମ କରିବାକୁ ଓହ୍ଲାଇ ଆସିଛନ୍ତି ଘରକୋଣରୁ। ୧୮୫୭ ପୂର୍ବରୁ ୧୮୨୪ ଜାନୁୟାରୀ ୩୦ରେ ଇଂରେଜ ବିରୁଦ୍ଧରେ ଲଢ଼ି ପ୍ରାଣବଳି ଦେଇଥିଲେ ଜିତୁର (କର୍ଣ୍ଣାଟକ)ର ରାଣୀ ଚିନ୍ନାମା। ସେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ସହିଦ୍। ୧୮୫୭ ଏବଂ ଏହାର



ପରବର୍ତ୍ତୀ ସମୟରେ ଯେଉଁମାନେ ଏଥିରେ ଅଂଶଗ୍ରହଣ କରିଥିଲେ ତାଙ୍କ ଭିତରେ ଅଛନ୍ତି ରାଣୀ ଲକ୍ଷ୍ମୀବାଈ, କସ୍ତୁରବା ଗାନ୍ଧି, ସରୋଜିନୀ ନାଇଡୁ, ମହାଦେବୀ ବର୍ମା, ସୁଭଦ୍ରା କୁମାରୀ ଚୌହାନ, ଅରୁଣା ଅସାଫଅଲ୍ଲୀ, ଲକ୍ଷ୍ମୀ ସେହେଗାଲ୍ ଯେକି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପ୍ରଥମ ମହିଳା କମାଣ୍ଡିଙ୍ଗ ମହିଳା ଅଫିସର ଏବଂ ଓଡ଼ିଶାରୁ ଏମାନଙ୍କ ମଧ୍ୟରେ ଅଛନ୍ତି ମା' ରମାଦେବୀ, ମାଳତୀ ଚୌଧୁରୀ, ସରଳା ଦେବୀ, ଅନ୍ନପୂର୍ଣ୍ଣା ମହାରଣା, ବସନ୍ତ ମଞ୍ଜରୀ ଦେବୀ, ନନ୍ଦିନୀ ଶତପଥୀ, ପାର୍ବତୀ ଗିରି, ପ୍ରଭାବତୀ ଦେବୀ, ଜମ୍ବବତୀ ଦେବୀ, ଗୋଦାବରୀ ଦେବୀ, କୋକିଳା ଦେବୀ, ହାରାମଣି କାନୁନ୍‌ଗୋ ଏବଂ ଅନ୍ୟମାନେ।

ଭାରତୀୟ ନାରୀମାନେ ବିଭିନ୍ନ କ୍ଷେତ୍ରରେ ସ୍ୱକୀୟ ପରାକାଷ୍ଠା ଦେଖାଇ ସାରିଲେଣି। ଏମିତିରେ ଆମର ପ୍ରଥମ ରାଷ୍ଟ୍ରପତି (ମହିଳା) ଶ୍ରୀମତୀ ପ୍ରତିଭା ସିଂହ ପାଟିଲ, ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ: ଇନ୍ଦରା ଗାନ୍ଧି, ପ୍ରଥମ ମହିଳା ରାଜ୍ୟପାଳ ସରୋଜିନୀ ନାଇଡୁ, ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ : ସୁଚେତା କୃପାଳିନୀ, ପ୍ରଥମ ମହିଳା କେନ୍ଦ୍ରମନ୍ତ୍ରୀ : ରାଜକୁମାରୀ ଅମୃତ କାଉରଲ, ସେବାପାଇଁ ପ୍ରଥମ ନୋବେଲ ପୁରସ୍କାର ବିଜେତା: ମଦର ଟେରେସା, ପ୍ରଥମ ମହିଳା ବିଚାରପତି ଲୀଳା ସେଠ୍, ବିଶ୍ୱବିଖ୍ୟାତ ଚିତ୍ରକର ଅମୃତା ସେରଗିଲ୍, ଭାରତର ପ୍ରଥମ ମହିଳା ଯେକି ମସ୍କୋ, ୱାସିଂଟନ ଓ ଲଣ୍ଡନରେ ରାଷ୍ଟ୍ରଦୂତ ଥିଲେ ଏବଂ ୧୯୫୩ରେ ଜାତିସଂଘର ପ୍ରଥମ ମହିଳା ଅଧ୍ୟକ୍ଷା ହୋଇଥିଲେ ସେ ହେଉଛନ୍ତି ବିଜୟଲକ୍ଷ୍ମୀ ପଣ୍ଡିତ୍, ହୋମଲ ଭୈରୱାଲା ହେଉଛନ୍ତି ଦେଶର ପ୍ରଥମ ଫଟୋ ଜର୍ନାଲିଷ୍ଟ, ହରିତ୍ କୌର ଦେୱାଲ୍ ହେଉଛନ୍ତି ଭାରତର ପ୍ରଥମ ମହିଳା ଏୟାରଫୋର୍ସ ପାଇଲଟ୍, ଦେଶର ପ୍ରଥମ ଏବଂ ବିଶ୍ୱର ପଞ୍ଚମ ମହିଳା ପର୍ବତାରୋହୀ ହେଉଛନ୍ତି ବଚ୍ଛେନ୍ଦ୍ରୀ ପାଲ, ଯିଏକି ମାଉଣ୍ଟ ଏଭେରେଷ୍ଟ ୧୯୮୪ ମସିହାରେ ଆରୋହଣ କରିଥିଲେ, ପ୍ରଥମ ମହିଳା ମହାକାଶଚାରୀ କଳ୍ପନା ଚାୱାଲା, ପ୍ରଥମ ମହିଳା ଡାକ୍ତର: କାଦମ୍ବିନୀ ଗାଙ୍ଗୁଲି, ପ୍ରଥମ ମହିଳା ଆଇ.ପି.ଏସ୍. ଅଫିସର କିରଣ ବେଦୀ, ପ୍ରଥମ ବ୍ରହ୍ମାଣ୍ଡସୁନ୍ଦରୀ: ସୁସ୍ମିତା ସେନ୍, ପ୍ରଥମ ମହିଳା ଅଟୋ ଡ୍ରାଇଭର ସୁନିତା ଚୌଧୁରୀ, ଅଲିମ୍ପିକ କ୍ରୀଡାର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚି ପାରିଥିବା କ୍ରୀଡାବିତ୍ ପିଟି ଉଷା, ପ୍ରଥମ ମହିଳା ଗ୍ରାଣ୍ଡ ମାଷ୍ଟର : କୋନେରୁ ହମ୍ପି, ପ୍ରଥମ ମହିଳା ଇଂଲିଶ ଚାନେଲ୍ ସନ୍ତରଣକାରୀ : ଆରତି ସାହା, ପ୍ରଥମ ମହିଳା ମହିଳା ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ହାସଲକାରୀ: ସାନିଆ ମିର୍ଜା। ଆମେ ଏଠାରେ କେବଳ ପ୍ରଥମ କଥା କହୁଛୁ; ଆଉ ଅନ୍ୟମାନଙ୍କ କଥା ହିସାବକୁ ନେଇନାହୁଁ। ତେବେ ଏତିକି କହିଲେ




ଯଥେଷ୍ଟ ହେବ ଯେ ଏବେ ଭାରତୀୟ ନାରୀମାନେ କେବଳ ପୁରୁଷଙ୍କ ସହ ସମକକ୍ଷ ନୁହଁନ୍ତି, ଅଧିକନ୍ତୁ ଅନେକ କ୍ଷେତ୍ରରେ ନାଁ, ସଂଖ୍ୟା, ଗୁଣରେ ମଧ୍ୟ ଅଧିକ ପ୍ରମୁଖ ଆସନ ମାଡ଼ିବସିଲେଣି। ସେହିପରି ନାରୀଶବ୍ଦକୁ ପରିଭାଷିତ କରିଥିବା ଓଡ଼ିଆମାନଙ୍କ ମଧ୍ୟରେ ଅଛନ୍ତି ସମାଜସେବୀରେ, ମା' ରମାଦେବୀ ଏବଂ ତୁଳସୀ ମୁଣ୍ଡା, ରାଜନୀତିରେ: ବସନ୍ତମଞ୍ଜରୀ ଦେବୀ ଓ ନନ୍ଦିନୀ ଶତପଥି; ସାହିତ୍ୟରେ: କୁନ୍ତଳାକୁମାରୀ ସାବତ ଏବଂ ରାଜଶ୍ରୀ ଦଳବେହେରା, ନୃତ୍ୟରେ: ସଂଯୁକ୍ତା ପାଣିଗ୍ରାହୀ ଓ ମିନତୀ ମିଶ୍ର, ଚଳଚ୍ଚିତ୍ରରେ ପାର୍ବତୀ ଘୋଷ, କ୍ରୀଡ଼ାରେ : ଜ୍ୟୋତି ସୁନିତା କୁଲୁ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସଙ୍ଗୀତରେ ସୁନନ୍ଦା ପଟ୍ଟନାୟକ ଓ ଶ୍ୟାମାମଣୀ ଦେବୀ, ବିଚାରପତିରେ : ନ୍ୟାୟମୂର୍ତ୍ତି ଅମୀୟ କୁମାରୀ ପାଢ଼ୀ, ନ୍ୟାୟମୂର୍ତ୍ତି ସଂଜୁ ପଣ୍ଡା, ମାଧୁରୀ ପଟ୍ଟନାୟକ ଓ ବାସନ୍ତୀ ଦେବୀ। ପ୍ରଶାସିକାରେ: ରୂପା ମିଶ୍ର, ଚିକିତ୍ସକ ହିସାବରେ: ବୀଣା ଦେଇ ଏବଂ ଜ୍ୟୋସ୍ନା ଦେଇ, ଶିକ୍ଷାବିତ୍ ଭାବେ ପ୍ରିୟମ୍ବଦା ମହାନ୍ତି (ହେଜମାଦି)। ଓଡ଼ିଶାରେ ନାରୀ ପ୍ରଗତିର ପଟାନ୍ତର ନାହିଁ।



ଏବେ ଭାରତରେ ନାରୀମାନଙ୍କୁ ଆଇନ ବଳରେ ପର୍ଯ୍ୟାପ୍ତ ସ୍ୱାଧୀନତା ଦିଆଯାଇଛି। ୧୯୯୨ର ୭୩ତମ ସଂଶୋଧନ ଅନୁଯାୟୀ ରାଜନୀତି କ୍ଷେତ୍ରରେ ତାଙ୍କ ପାଇଁ ସଂସଦ ଓ ବିଧାନସଭାରେ ୧/୩ ଅଂଶ ସ୍ଥାନ ସଂରକ୍ଷିତ ହୋଇଛି। ଭାରତରେ ପଞ୍ଚାୟତିରାଜ ଅନୁଷ୍ଠାନରେ ମହିଳାମାନଙ୍କ ସ୍ଥାନ ୫୦% ହେବାକୁ ଯାଉଛି। ଓଡ଼ିଶା ଏହି ୫୦% ମହିଳାମାନଙ୍କ ପାଇଁ ସଂରକ୍ଷଣ କରିବାରେ ଅଗ୍ରଣୀ ରାଜ୍ୟ। ସବୁ କ୍ଷେତ୍ରରେ ଏବେ ମହିଳାମାନଙ୍କ ପ୍ରବେଶ ଏବଂ ସେମାନେ ତାଙ୍କ ବୃତ୍ତିରେ ମଧ୍ୟ ସେମାନଙ୍କର ଚମତ୍କାରିତା ସୃଷ୍ଟି କରିଛନ୍ତି। ସ୍ୱାଧୀନତା ପୂର୍ବର ମହିଳାମାନଙ୍କ ଅବସ୍ଥା ଏବେ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଛି। ତଥାପି ପୁରୁଷମାନଙ୍କର ପ୍ରାଧାନ୍ୟ କମିନାହିଁ। ଏବେ ନାରୀମାନେ ନିର୍ଯାତିତା, ଧର୍ଷିତା, ଅବହେଳିତା। ନାରୀମାନଙ୍କ ପ୍ରଗତି ପାଇଁ ଆମକୁ ଆହୁରି ଅନେକ ବାଟ ଚାଲିବାର ଅଛି। ଖୁସି ଯେ ନାରୀମାନେ ଏବେ ନିଜ ସଂପର୍କରେ ଯଥେଷ୍ଟ ସଚେତନ ହେଲେଣି। ନାରୀମୁକ୍ତି ଆନ୍ଦୋଳନରେ ସେମାନେ ନିଜକୁ ସାମିଲ କରି ନିଜର ଦାବୀକୁ ହାସଲ କରିବାରେ ସମର୍ଥ ହେଲେଣି।

୧୯୩୫ ମାର୍ଚ୍ଚ ୨ ତାରିଖ ଦିନ ନୂଆଦିଲ୍ଲୀରେ ସରୋଜିନୀ ନାଇଡୁ ମହିଳାମାନଙ୍କ ସଂପର୍କରେ ଦେଇଥିବା ଏକ ଭାଷଣରେ କହିଥିଲେ, "ମହିଳାମାନେ ପୁରୁଷମାନଙ୍କର ଆଉ ହାତହତିଆର ବା ଖେଳନା କଣ୍ଢେଇ ନୁହଁନ୍ତି। ମହିଳାମାନେ ବର୍ତ୍ତମାନ ନୂତନ ଉନ୍ମାଦନାରେ ଓ କର୍ମଶକ୍ତିରେ ଉଦ୍‌ବୁଦ୍ଧ ହୋଇଛନ୍ତି। ସେମାନଙ୍କୁ ଯେଉଁ ଦାୟିତ୍ୱ ଆଜିପର୍ଯ୍ୟନ୍ତ ଦିଆଯାଇଆସିଛି, କେବଳ ସେତିକି ପାଳନ କରି ଆଜି ସେମାନେ ଚାଲନ୍ତୁ-ଏହା ଆମେ ଚାହୁଁନାହୁଁ। ମହିଳାମାନେ ଆଇନ୍ କ୍ଷେତ୍ରରେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ଏବଂ ତଜ୍ଜନିତ ଅନେକ କଷ୍ଟ ଭୋଗୁଛନ୍ତି। ଆଜି ଆମ୍ଭେମାନେ ଦେଶର ନୈତିକ, ଅର୍ଥନୈତିକ ଓ ରାଜନୈତିକ ଅଭିବୃଦ୍ଧି ପାଇଁ ପୁରୁଷମାନଙ୍କ ବେକରେ ଗୋଟାଏ ବୋଝ ହୋଇ ଝୁଲିବାକୁ ଆଉ ଚାହୁଁନାହୁଁ।"

ବାସ୍ତବିକ୍ ୧୯୩୫ ମସିହାରେ ସରୋଜିନୀ ନାଇଡୁଙ୍କର ଏ ଭାଷଣ ଆଜି କାର୍ଯ୍ୟତଃ ସାକାର ହୋଇଛି।

କେବଳ ଭାରତ ନୁହେଁ, ବିଶ୍ୱସ୍ତରରେ ନାରୀମୁକ୍ତି ଆନ୍ଦୋଳନ ପାଇଁ ସବୁଦେଶ ତତ୍ପର। ଆନ୍ତର୍ଜାତିକ ସ୍ତରରେ ଏ ନେଇ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ମହିଳା ଦିବସ ରୂପେ ପାଳନ କରାଯାଏ। ଅନେକେ ଏ ଦିବସଟିର ଯଥାର୍ଥ ତାତ୍ପର୍ଯ୍ୟ ନ ବୁଝି ଏହାକୁ ମାତ୍ର ଦିବସ ଅଥବା ଭାଲେନ୍‌ଟାଇନ୍ ଦିବସ କିମ୍ବା ସେହିପରି ଅର୍ଥରେ ପାଳନ କରିଥାଆନ୍ତି। ବାସ୍ତବରେ ଏହା ତାହା ନୁହେଁ। ସମଗ୍ର ବିଶ୍ୱର ନାରୀମୁକ୍ତି, ନାରୀ ସ୍ୱତନ୍ତ୍ରତା ଏବଂ ନାରୀର ପ୍ରଗତି ନିମନ୍ତେ ସଚେତନତା ସୃଷ୍ଟି କରିବା ଅର୍ଥରେ ଏହା ଏକ ଦିବସ। ପୂର୍ବ ଇଉରୋପ, ଋଷ ଏବଂ ଅନ୍ୟ ସୋଭିଏତ ଦେଶରେ ଏହା ବିଶେଷତଃ ଛୁଟିଦିନ ଭାବେ ପାଳନ ହୋଇଆସୁଛି। ସୋସିଆଲିଷ୍ଟ ପାର୍ଟି ଆମେରିକାର ଘୋଷଣାକ୍ରମେ ୧୯୦୯ ଫେବୃୟାରୀ ୨୮ରେ ପ୍ରଥମ ଇଂଲଣ୍ଡ ଦ୍ୱାରା ଏହା ଜାତୀୟ ମହିଳା ଦିବସ ରୂପେ ପାଳିତ ହୋଇଥିଲା। ୧୯୭୫ରେ ପ୍ରଥମ ମିଳିତ ଜାତିସଂଘ ଦ୍ୱାରା ମାର୍ଚ୍ଚ ୮କୁ ଆନ୍ତର୍ଜାତିକ ମହିଳା ଦିବସ ରୂପେ ଆୟୋଜନ କରାଗଲା। ଏଥିପାଇଁ ପ୍ରତିବର୍ଷ ମିଳିତ ଜାତିସଂଘ ତରଫରୁ ଏକ ଥିମ୍ ରଖାଯାଇଥାଏ। ମହିଳାଙ୍କ ଅର୍ଥନୈତିକ, ରାଜନୀତିକ ଏବଂ ସାମାଜିକ ସଫଳତାର ଉତ୍କର୍ଷ ସ୍ୱରୂପ ଏହା ଅନୁଷ୍ଠିତ ହୋଇଥାଏ।

ଭାରତରେ ମହିଳାଙ୍କ ଉନ୍ନତିକଳ୍ପେ ଯଥେଷ୍ଟ ସୁବିଧା ଓ ସୁଯୋଗ ସୃଷ୍ଟି କରାଯାଇଛି। ଏପରିକି ଚଳିତ ବଜେଟ୍‌ରେ ମହିଳାମାନଙ୍କ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହା ନିଶ୍ଚିତ ଭାବରେ ଉତ୍ତମ ଲକ୍ଷଣ। ଆସନ୍ତୁ, ସେହି ନାରୀଶକ୍ତିର ଜୟଗାନ କରିବା: ***ଜୟ ଈଶ୍ୱରୀ ପତିତପାବନୀ ଲକ୍ଷ୍ମୀ ଗୋ ଜୟନାରୀ...।***

# ବିଭିନ୍ନ ୱାର୍ଡରୁ କାଉନସିଲର ଆଶାୟୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳର ବିଭିନ୍ନ ୱାର୍ଡରୁ ପ୍ରାର୍ଥୀମାନେ ଆଶାୟୀ ଅଛନ୍ତି। ହେଲେ ସେମାନଙ୍କୁ ଦଳୀୟ ଟିକେଟ ମିଳିନଥିବାରୁ ସେମାନେ ଟିକେଟ ଅପେକ୍ଷାରେ ଅଛନ୍ତି। ୧୯ନମ୍ବର ୱାର୍ଡରୁ ସମାଜସେବୀ ଦିଲ୍ଲିପ ମହାନ୍ତି ବିଜେଡିରୁ ଆଶାୟୀ ଅଛନ୍ତି। ଶ୍ରୀ ମହାନ୍ତି କରୋନା ସମୟରେ ମାସ୍କ, ସାନିଟାଇଜର ବାଣ୍ଟି ଲୋକଲୋଚନକୁ ଆସିଥିଲେ। ଶୀତଦିନେ ରାସ୍ତାକଡର ଅସହାୟମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରି ମଧ୍ୟ ସେ ଚର୍ଚ୍ଚାକୁ ଆସିଥିଲେ। ତେଣୁ ତାଙ୍କୁ ଟିକେଟ ଦିଆଯିବା ପାଇଁ ତାଙ୍କ ସମର୍ଥକମାନେ ଦାବି କରିଛନ୍ତି। ୨୧ନମ୍ବର ୱାର୍ଡରୁ କଂଗ୍ରେସ ଯୁବନେତା ଉମେଶ ପାଢୀ ଆଶାୟୀ ଅଛନ୍ତି। ଶ୍ରୀ ପାଢୀ କଂଗ୍ରେସର ଛାତ୍ରନେତା ଥିଲେ। ସରକାରୀ ବିରୋଧୀ ବିଭିନ୍ନ ଆନ୍ଦୋଳନରେ ନିଜକୁ ସାମିଲ କରି ସେ ସର୍ବଦା ଚର୍ଚ୍ଚାରେ ରହିଥାନ୍ତି। ତେଣୁ ତାଙ୍କୁ କଂଗ୍ରେସ ଟିକେଟ ଦେବା ପାଇଁ ତାଙ୍କ ସମର୍ଥକମାନେ ଦାବି କରିଛନ୍ତି। ୨୦ନମ୍ବର ୱାର୍ଡର ବିଜୟ କୁମାର ପତି ବିଜେଡି ଟିକେଟ ପାଇବା ପାଇଁ ଆଶାୟୀ ଅଛନ୍ତି। ଶ୍ରୀ ପତି ଦୀର୍ଘଦିନ ଧରି ସମାଜସେବା କାର୍ଯ୍ୟ କରିଆସୁଛନ୍ତି। ସେ ଦଳ ପ୍ରତିଷ୍ଠା ହେବା ଦିନରୁ ବିଜେଡି ସହ ଅଛନ୍ତି। ତେଣୁ ତାଙ୍କୁ ଟିକେଟ ଦିଆଯିବା ପାଇଁ ତାଙ୍କ ସମର୍ଥକମାନେ ଦାବି କରୁଛନ୍ତି। ସେହିପରି ପୌରାଞ୍ଚଳର ୧୯ନମ୍ବର ୱାର୍ଡରୁ ସମାଜସେବୀ ଜୀତେନ୍ଦ୍ର ବେହୁରାଙ୍କ ପତ୍ନୀ ମୋନାଲିସା ଦାସ ବିଜେଡିରୁ ଟିକେଟ ପାଇବା ପାଇଁ ଆଶାୟୀ ଅଛନ୍ତି। ତାଙ୍କ ସ୍ୱାମୀ ଜୀତେନ୍ଦ୍ରଙ୍କ ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଟୁଇଟ କରି ପ୍ରସଂଶା କରିଥିଲେ। ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ସମୟରେ ଏବଂ କରୋନା ମହାମାରୀ ବେଳେ ଜୀତେନ୍ଦ୍ର ଗରିବ ଏବଂ ଅସହାୟ ଲୋକମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେଇ ଚର୍ଚ୍ଚାକୁ ଆସିଥିଲେ। ତେଣୁ ମୋନାଲିସାଙ୍କୁ ଟିକେଟ ଦିଆଯିବା ପାଇଁ ତାଙ୍କ ସମର୍ଥକମାନେ ଦାବି କରିଛନ୍ତି।

## କେନ୍ଦ୍ରାପଡାର ନାଁକୁ ଅତିତରେ ବଦନାମ କରିଥିବା ବ୍ୟକ୍ତି ବିଜେଡି କାଉନସିଲର ପ୍ରାର୍ଥୀ ଦୌଡରେ

କେନ୍ଦ୍ରାପଡ଼ା (ପିଏନ୍): ଅତିତରେ କେନ୍ଦ୍ରାପଡାର ନାଁକୁ ବଦନାମ ଓ କଳଙ୍କିତ କରିଥିବା ଜନୈକ ବ୍ୟକ୍ତି ଏବେ କେନ୍ଦ୍ରାପଡା ପୌର ନିର୍ବାଚନରେ ବିଜୁଜନତା ଦଳରୁ କାଉନସିଲର ପ୍ରାର୍ଥୀ ହେବା ପାଇଁ ଲବି ଚଳାଇଥିବା ଅଭିଯୋଗ ହୋଇଛି। ସଂପୃକ୍ତ ବ୍ୟକ୍ତି ଜଣଙ୍କ ଗତ ୧୯୯୭ମସିହା ଡିସେମ୍ବର ମାସରେ ଜନୈକ ଯୁବତୀଙ୍କୁ ଜୋରଜବରଦସ୍ତି ଦୁଷ୍କର୍ମ କରିବା ସହିତ ସେହି ସମୟର ନଗ୍ନ ଫଟୋ ଉଠାଇଥିଲେ। ସେହି ଫଟୋକୁ ଦେଖାଇ ଯୁବତୀ ଜଣଙ୍କୁ ବ୍ଲାକମେଲିଂ କରିବା ଯୋଗୁଁ ଯୁବତୀ ଜଣଙ୍କ ବିଷ ପିଇ ଆତ୍ମହତ୍ୟା କରିଥିଲେ। ସେ ସମୟରେ ଏହି ଘଟଣାକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାର ନାମ କଳଙ୍କିତ ହୋଇଥିଲା। ପରେ ସଂପୃକ୍ତ ବ୍ୟକ୍ତି ଗିରଫ ହୋଇ ଜେଲ ଯାଇଥିଲେ। ସେହି ବ୍ୟକ୍ତି ଜଣଙ୍କ ଗତ ୨୦୧୧ ମସିହାରେ ବିଜେଡିରୁ କାଉନସିଲର ପ୍ରାର୍ଥୀ ହେବାକୁ ଆବେଦନ କରି ଲବି ଚଳାଇଥିଲେ। କିନ୍ତୁ ଏଭଳି ଅପରାଧୀକ ଘଟଣା ସହିତ ସେ ସଂପୃକ୍ତ ଥିବା ଜଣାପଡିଯିବା ପରେ ଦଳର ସୁପ୍ରିମୋ ତାଙ୍କ ଆବେଦନକୁ ନାକଚ କରିଦେଇଥିଲେ। ଏବେ ପୁଣି ସେହି କଳଙ୍କିତ ବ୍ୟକ୍ତି ଜଣଙ୍କ ବିଜେଡିରୁ କାଉନସିଲର ପ୍ରାର୍ଥୀ ହେବାକୁ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି। ମା'କୁ ସମ୍ମାନ ଦେଉଥିବା ବିଜୁ ଜନତା ଦଳ ସଂପୃକ୍ତ ବ୍ୟକ୍ତିଙ୍କୁ ଦଳୀୟ ଟିକେଟ ପ୍ରଦାନ ନକରିବାକୁ ସାଧାରଣରେ ଦାବି ଜୋର ଧରିଛି।

## ପିପିଏଲ ଡିଏଭି ସ୍କୁଲ ପକ୍ଷରୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ପାରାଦୀପ (ପିଏନ୍)-ଆନ୍ତର୍ଜାତୀୟ ମାତୃଭାଷା ଦିବସ ପରିପ୍ରେକ୍ଷୀରେ ପିପିଏଲରେ ଥିବା ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ଏହି କାର୍ଯ୍ୟକ୍ରମ କରୋନା କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ସଂଜିବ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେଦମନ୍ତ୍ର ଓ ଆଧାତ୍ମିକ ପରିବେଶରୁ ଆରମ୍ଭ ହୋଇଥିଲା । ଏଥିରେ ଶ୍ରୀ ସାହୁ ମାତୃଭାଷା ପାଳନ କରିବା ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। ଇତିହାସରୁ କିଛି ଛାତ୍ରଙ୍କର ବଳିଦାନ ଓ ସେହି ସହିଦ୍‌ମାନଙ୍କର ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଜାତୀସଂଘର ସ୍ୱୀକୃତି କ୍ରମେ ଆ'ର୍ଜାତୀକ ସ୍ତରରେ ମାତୃଭାଷା ଦିବସ ପାଳନର ମହତ୍ୱ ବିଷୟରେ ଶ୍ରୀ ସାହୁ ଆଲୋକପାତ କରିଥିଲେ ଏବଂ ନୂତନ ଶିକ୍ଷା ପଦ୍ଧତିରେ ମଧ୍ୟ ସବୁ ବିଦ୍ୟାଳୟ ପ୍ରାଥମିକ ସ୍ତରରେ ଶିକ୍ଷକମାନେ ମାତୃଭାଷାର ପ୍ରୟୋଗ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ । ଏହି ଦିବସରେ ବହୁ ସଂଖ୍ୟାରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ୟୁଟୁବ୍ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଡିଏଭି ପବ୍ଲିକ୍ ସ୍କୁଲର ସଂଯୋଜକ ବୃନ୍ଦାବନ ରାଉତ ଓ ସଂଯୋଜିକା ରାଜଶ୍ରୀ ମହାପାତ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧାପିକା ତତ୍ତ୍ୱଦର୍ଶୀନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନବୀନଙ୍କ ସ୍ୱଚ୍ଛ ଶାସନରେ ଯୁବପିଢୀ ଅନୁପ୍ରାଣିତ



କେନ୍ଦ୍ରାପଡ଼ା (ପିଏନ୍): ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଆଜିର ଯୁବ ପିଢୀ ଅନୁପ୍ରାଣିତ ହୋଇ ପଡିଥିବା ଦେଖାଯାଇଛି। ଯେଉଁଥି ପାଇଁ କେନ୍ଦ୍ରାପଡା ପୌରଞ୍ଚଳର ବିଭିନ୍ନ ୱାର୍ଡରୁ ବହୁ ଯୁବକ ବିଜୁ ଜନତା ଦଳରୁ କାଉନସିଲର ପଦରେ ପ୍ରାର୍ଥୀ ହେବା ପାଇଁ ମନବଳାଇଥିବା ଦେଖାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି କେନ୍ଦ୍ରାପଡା ପୌରାଞ୍ଚଳର ୫ନମ୍ବର ୱାର୍ଡରୁ ଛାତ୍ର ଜୀବନରୁ ସମାଜସେବା କାର୍ଯ୍ୟରେ ନିୟୋଜିତ ଥିବା ଯୁବ ଡାକ୍ତର ସୁମିତ କୁମାର ସାହୁ, ୱାର୍ଡ ନମ୍ବର ୧୩ରୁ ସେକ ଅଇନୁଲ, ୱାର୍ଡ ନମ୍ବର ୧୮ରୁ ଉଚ୍ଚଶିକ୍ଷିତ ଯୁବକ ଅଫସର ଶେଖ ଓ ୱାର୍ଡ ନମ୍ବର ୧୯ରୁ ରକ୍ତଦାତା ତଥା ଯୁବ ସମାଜସେବୀ ପ୍ରଭାତରଞ୍ଜନ ଦାସ ପ୍ରମୁଖ। ଏହି ଯୁବକମାନେ ବିଜୁ ଜନତା ଦଳରୁ କେନ୍ଦ୍ରାପଡା ପୌରାଞ୍ଚଳର ବିଭିନ୍ନ ୱାର୍ଡରୁ କାଉନସିଲର ପ୍ରାର୍ଥୀ ହେବାକୁ ଆବେଦନ କରିଥିବା ଜଣାପଡିଛି। ଏମାନଙ୍କ ମଧ୍ୟରେ ଡା. ସୁମିତ ରୋଗୀସେବାରେ ନିୟୋଜିତ ଥାଇ ଜନତାଙ୍କ ସେବା ପାଇଁ ମନବଳାଇଥିବା ବେଳେ 'ସଂଜୀବନୀ' ଅନୁଷ୍ଠାନ ମାଧ୍ୟମରେ ଏକ ଶହରୁ ଉର୍ଦ୍ଧ୍ୱ ଥର ରକ୍ତଦାନ ଶିବିରର ଆୟୋଜନ କରି ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗୃହିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରଭାତରଞ୍ଜନ ଅଛନ୍ତି। ସେହିଭଳି କରୋନା ସମୟରେ ଅସହାୟ ଲୋକମାନଙ୍କୁ ସହାୟତା ପ୍ରଦାନ ସହ ମହାମାରୀ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିବା ଅଫସର ଓ ଅଇନୁଲଙ୍କ ଭଳି ଯୁବକମାନେ ଅଛନ୍ତି।

## ନାମାଙ୍କନ ନ କରିବାକୁ ନେଇ ଚର୍ଚ୍ଚା: ପଟ୍ଟାମୁଣ୍ଡାଇ ପୌରସଂସ୍ଥାରେ ୧ , କେନ୍ଦ୍ରାପଡ଼ାରେ ଶୂନ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ନିର୍ବାଚନ ଆୟୋଗ ପୌର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପାଇଁ ଚଳିତମାସ ୨ରୁ ୭ତାରିଖ ପର୍ଯ୍ୟନ୍ତ ଦିନାଙ୍କ ଘୋଷଣା କରିଥିଲେ। କିନ୍ତୁ ଗତ ୨ ତାରିଖରୁ ଏହି ଆଧାରରେ ପଟ୍ଟାମୁଣ୍ଡାଇ ପୌରପାଳିକାରେ ଜଣେ ମାତ୍ର କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେ ହେଉଛନ୍ତି କଂଗ୍ରେସ ଦଳର ୧୯ନମ୍ବର କାଉନସିଲର ପ୍ରାର୍ଥୀ ସଞ୍ଜୟ କୁମାର ପଣ୍ଡା। କିନ୍ତୁ କେନ୍ଦ୍ରାପଡ଼ା ପୌରପାଳିକାରେ ନାମାଙ୍କନ ଦାଖଲ ସଂଖ୍ୟା ଶୂନ ରହିଛି। କାରଣ ନା କଂଗ୍ରେସ, ନା ବିଜେପି ନା ବିଜେଡି ଦଳରୁ କେହି ନାମାଙ୍କନ ଦାଖଲ କରି ନାହାଁନ୍ତି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦିନରେ ବି କେନ୍ଦ୍ରାପଡ଼ା ପୌରପାଳିକାର ଜଣେ ହେଲେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନାହାଁନ୍ତି। ଏହାର କାରଣ ହେଉଛି କଂଗ୍ରେସ ଦଳରୁ ଲକ୍ଷ୍ମୀପ୍ରିୟା ବାରିକ, ଗୋପିନାଥ ବାରିକ, ଅନ୍ନପୂର୍ଣ୍ଣା ଦାସ, ନଜମା ବେଗମ, ଉମେଶ ପାଢୀ ପ୍ରମୁଖ ଦଳୀୟ ଟିକେଟ ପାଇଁ ଆବେଦନ କରିଥିବା ବେଳେ ବିଜେପି ଦଳରୁ ମଧ୍ୟ କେତେକ ବ୍ୟକ୍ତି ଦଳୀୟ ଟିକେଟ ପାଇଁ ଆବେଦନ କରିଛନ୍ତି। କୌଣସି ଦଳରେ ଟିକେଟ ଫାଇନାଲ ହୋଇନଥିବା ଜଣାପଡିଛି। ବିଜେପି ଓ କଂଗ୍ରେସ କାହାକୁ ପ୍ରାର୍ଥୀ କରିବେ ସେ ନେଇ ମନସ୍ଥ କରିଥିଲେ ବି ସେମାନେ ବିଜେଡି କେଉଁଦିନ ପ୍ରାର୍ଥୀ ତାଲିକା ଘୋଷଣା କରୁଛି ତାହାକୁ ଅପେକ୍ଷା କରିଛନ୍ତି। କିନ୍ତୁ ବିଜେଡିରୁ ଅଧିକ ଆଶାୟୀ ପ୍ରାର୍ଥୀ ଟିକେଟ ପାଇଁ ଆବେଦନ କରିଥିବାରୁ ଅଙ୍କକଷା ଛିଣ୍ଡୁ ନାହିଁ। ଫଳରେ ବିଜେଡିର ଟିକେଟ ଫାଇନାଲ ହୋଇପାରୁନଥିବା ଶୁଣିବାକୁ ମିଳିଛି।

## କେନ୍ଦ୍ରାପଡା ପୌରାଧକ୍ଷ ଦୌଡରେ ବିଜେପିରୁ ନଜମା



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ପୌରାଧକ୍ଷ ପଦ ପାଇଁ ଭାରତୀୟ ଜନତା ପାର୍ଟିରୁ ପ୍ରାର୍ଥୀ ହେବା ପାଇଁ ବିଜେପି ରାଜ୍ୟ ସଂଖ୍ୟାଲଘୁ ସେଲର ଉପସଭାପତି ମହମ୍ମଦ ସଲିମ ଖାନଙ୍କ ପତ୍ନୀ ନଜମା ବେଗମ ଦଳୀୟ ଟିକେଟ ପାଇଁ ଆବେଦନ କରିଛନ୍ତି। ନଜମାଙ୍କ ସ୍ୱାମୀ ସଲିମ ପୂର୍ବତନ କେନ୍ଦ୍ରାପଡା ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡାଙ୍କ ସହିତ ରହି ଦୀର୍ଘବର୍ଷ ଧରି ଦଳର ସାଂଗଠନିକ କାର୍ଯ୍ୟରେ ନିୟୋଜିତ ରହି ଆସିଛନ୍ତି। ବିଗତ ସାଧାରଣ ନିର୍ବାଚନ ସମୟରେ ସଲିମ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳ ପାଇଁ ପ୍ରଚାର କରିବା ସହ ଦଳୀୟ ସଂଗଠନକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମଧ୍ୟ ସଲିମ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିଥିଲେ। ଏଥିସହିତ ସଲିମ ଦଳର ରାଷ୍ଟ୍ରୀୟ ଉପାଧକ୍ଷ ଶ୍ରୀ ପଣ୍ଡାଙ୍କ ସହ ଆସାମ ରାଜ୍ୟରେ ବିଗତ ଦିନରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିଥିଲେ। ଆସାମରେ ବିଜେପି ସରକାର କରିଛି। ବିଭିନ୍ନ ସମୟରେ ଯୁବନେତା ସଲିମ କେନ୍ଦ୍ରାପଡାର ଗରିବ ଅସହାୟ ଲୋକମାନଙ୍କୁ ମଧ୍ୟ ସହାୟତା ପ୍ରଦାନ କରିଥାନ୍ତି। ଜଣେ ମିଷ୍ଟଭାଷୀ, ମେଳାପି ତଥା ମହିଳାମାନଙ୍କୁ ସଂଗଠିତ କରିବାରେ ନଜମା ବେଶ ପାରଙ୍ଗମ।




**ଭୁବନେଶ୍ୱର, ୨୦୨୪, ମଇ ୦୮**

# ଗରିବ ସରୋବରରେ ବିକଶିତ ଅମୀର ପଦ୍ମ

ଏଇ ନିକଟରେ ଶ୍ୟାମ ପିତ୍ରୋଡା ଦେଇଥିବା ଟିପପ୍ପଣୀ ଅନୁଚିତ ମନେହୁଏ। ଅର୍ଥ ଉତ୍ପାଦନ କାରୀଙ୍କୁ ରାଜନୀତିରେ ନିଶାନ କରିବା ଅସମାନତାର ସମାଧାନର ପନ୍ଥା ହୋଇନପାରେ। କାରଣ ଆମର ସମସ୍ୟା ପ୍ରଣାଳୀ ଗତ। ଏହା ମଧ୍ୟ ସତ୍ୟ ଯେ ଆମ ଦେଶରେ ଆର୍ଥିକ ଅସମାନତା / ବିଷମତାର ପ୍ରଶ୍ନ ଅତ୍ୟନ୍ତ ଗମ୍ଭୀର। ବିଶ୍ୱର ବିଭିନ୍ନ ଦେଶରେ ଆର୍ଥିକ ବିଶଂଗତା ଅଛି ମାତ୍ର ଆମ ଭାରତ ବର୍ଷରେ ଆମେ ଏହାକୁ ଅଧିକ ମାତ୍ରାରେ ଗ୍ରହଣ କରିଛୁ। କାରଣ ଅନେକ ନେତୃ ବର୍ଗୀୟ ବ୍ୟକ୍ତି ଏହାକୁ ଯଥାର୍ଥ ବୋଲି ମତବ୍ୟକ୍ତ କରିଛନ୍ତି। ଭାରତର ଅନେକ ବିଦେଶୀ ପ୍ରଶଂସକ ପ୍ରଶ୍ନ କରନ୍ତି ଯେ ଆର୍ଥିକ ରୁପରେ ସମ୍ପନ୍ନ ଭାରତ ତାର ନିକଟରେ ଥିବା ଗରିବ ଙ୍କ ପ୍ରତି ଏତେ ଅସଂବେଦନଶୀଳ କାହିଁକି ? ବିଶେଷ ଅଧିକାର ବ୍ୟକ୍ତି ବିଶେଷ ଅଭାବୀ ଅବସ୍ଥାକୁ କାହିଁକି ଏତେ ନ୍ୟୁନ ଦୃଷ୍ଟିରେ ଦେଖୁଛନ୍ତି ? ଯାହା ଉପରେ ଏକ ଗମ୍ଭୀର ଚିନ୍ତନ କରିବାର ସମୟ। ଦୀର୍ଘ ସମୟ ଧରି ଆମେ ଏକସ୍ତର ପର୍ଯ୍ୟାୟ ଭୁକ୍ତ ସମାଜରେ ରହିଛୁ। ଯେଉଁଥିରେ କିଏ ଉପର ସ୍ତରର ଓ କିଏ ନିମ୍ନ ସ୍ତରର ଯାହାର ଚିନ୍ତନ ଓ ବିଷମତା ସଦାବେଳେ ଲାଗିରହିଛି। ଜାତି ବ୍ୟବସ୍ଥା, ଯାହାର ପରିକଳ୍ପନା ପ୍ରାରମ୍ଭରେ ଲୋକମାନଙ୍କ ବୃ ି ଗତ ବିଭିନ୍ନତା ଆଦାରରେ ସଂଗଠିତ ହୋଇଥିଲା ମାତ୍ର ପରେ ନିମ୍ନ ଶ୍ରେଣୀର ଜାତି ବିଶେଷ କରି 'ଦଳିତ' ଶ୍ରେଣୀ ଲୋକମାନଙ୍କୁ ଶୋଷଣ, ଉତ୍ପିଡନ ଓ ଅନେକଙ୍କ ସହ ଭେଦଭାବର ଏକ ପ୍ରଣାଳୀରେ ବଦଳି ଯାଇଥିଲା। ବି ଶାଳୀ ତଥା ଶକ୍ତିଶାଳୀ ଲୋକମାନେ ଧର୍ମଶାସ୍ତ୍ରର ଉଦାହରଣ ଦେଇ ତାଙ୍କ କଥାକୁ ଉଚିତ ବୋଲି ଅଭିହିତ କରିଥିଲେ। ଯଦିଓ ଲୋକତାନ୍ତ୍ରିକ ଓ ଶସକ୍ତି କରଣ ଯୋଗୁ ଏଇ ଭେଦଭାବ କିଛି ଅଂଶରେ ହ୍ରାସ ପାଇଛି ତଥାପି ଏହା ଅନେକ କ୍ଷେତ୍ରରେ ବ୍ୟାପକ ଭାବରେ ନିଜର କାୟା ବିସ୍ତାର କରିଛି। ଅନେକ ଗ୍ରାମୀଣ କ୍ଷେତ୍ରରୁ ଭୋଜନ ଓ ପାନୀୟ କୁ ଅପବିତ୍ର କରିବା ଏପରିକି ଦଳିତ ଘୋଡାରେ ଯିବା ନିଶ ରଖିବା ଦଳିତ ପୁରୁଷ ମାନଙ୍କୁ ନିର୍ଯ୍ୟାତନା ଦେବା ଖବର ମଧ୍ୟ ଗଣମାଧ୍ୟମରେ ପ୍ରସାରଣ ହେବାର ଦେଖିବାକୁ ମିଳୁଛି। ଦଳିତ ମହିଳାଙ୍କ ପ୍ରତି ଶକ୍ତିଶାଳୀ ମାନଙ୍କର ଦୁଷ୍କର୍ମ କରିବାର ଖବର ନିତିଦିନିଆ ହୋଇଯାଇଛି। ଯାହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ଦେବଗୋଡାଙ୍କ ପୁଅ କ୍ଷେତ୍ରରେ।

ଏହି ଅସମାନତାର ଭେଦ ଭାବ ଆମର ଆର୍ଥିକ ଜୀବନରେ ମଧ୍ୟ ଉପଲବ୍ଧି ହେଉଛି। ମଧ୍ୟମବର୍ଗର ଲୋକମାନେ ଏହା ଉପରେ ଗର୍ବକରିବା ସହ ଆଜି ଭାରତ ଦୁନିଆଁରେ ତୃତୀୟ ସ୍ଥାନ ଅଧିକାର କରିଥିବା ଡଲାର- ଅରବ ପତି ଦେଶ ଭାବେ ପରିଗଣିତ ହୋଇଛି। ମାତ୍ର ସେହି ବର୍ଗର ଲୋକମାନେ ଏହି ତଥ୍ୟକୁ ଅଣଦେଖା କରୁଛନ୍ତି ଯାହାହେଲା ଦେଶର ୬୦ ପ୍ରତିଶତ ଅର୍ଥାତ ଏକ ଅରବ ଲୋକପ୍ରତିଦିନ ୨୫୦ ଟଙ୍କାରୁ କମ୍ ରୋଜଗାରରେ ନିଜର ଜୀବନ ନିର୍ବାହ କରୁଛନ୍ତି। ସେହି ଦେଶର ୨୧ ପ୍ରତିଶତ ଅର୍ଥାତ ୨୫ କୋଟି ଲୋକ ରୋଜ ୧୫୦ ଟଙ୍କା ବେତନ/ ଦରମା ରେ କାମ କରୁଛନ୍ତି। ୩୩ ବର୍ଷ ଚାକିରି କରି ଅବସର ନେବାପରେ ଏବେ ମଧ୍ୟ ଅବସର କାଳୀନ ଭତା ବା ପେନସନ ୧୦୦୦ ଟଙ୍କାରେ ସୀମିତ ଅଛି ଅନ୍ୟ ପଟେ ରାଜନେତା ମାନେ ତାଙ୍କର ପେନସନ ବୃଦ୍ଧି କରାଇବାରେ ଲାଗିଛନ୍ତି। ଆଜୀବନ ଗରିବଙ୍କୁ ଲୁଟି ତଥାପି ତାଙ୍କୁ ବେନିଆଙ୍ଗୁଳୀ ନିଅ । ଏପଟେ ଦେଶର ମାନ୍ୟବର ପ୍ରଧାନ ମନ୍ତ୍ରୀ ଏହି ଆର୍ଥିକ ଅସମାନତାକୁ ଅଣଦେଖା କରିବା ସହ ତାଙ୍କ ହୃଦୟ ଗରିବଙ୍କ ପାଇଁ ଅହରହ ଚିନ୍ତିତ ବୋଲି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ତଥାପି ଆମେ ନିଜକୁ ଗର୍ବ ଅନୁଭବ କରିବା ସହ ଉତ୍ସବ ପାଳନ କରୁଛୁ ଯେ ଭାରତ ଦୁନିଆଁରେ ସବୁଠୁ ତୀବ୍ର ଗତିରେ ବଢୁଥିବା ଅର୍ଥବ୍ୟବସ୍ଥା। ଦିନେ ହେଲେ ଆମ ନେତା ତଥା ଜନତା କେଭେ



ଉମାଶଙ୍କର ପ୍ରସାଦ

ପ୍ରଶ୍ନ କରିଛୁ (ଜି ଜି.ଡି.ପି) ରେ ହେଉଥିବା ବୃଦ୍ଧି ଦେଶବାସୀଙ୍କ ଭିତରେ ଠିକ୍ ଭାବରେ ବିତରଣ ହେଉଛି କି ନାହିଁ? ଭାରତ ଆଜି ବିଶ୍ୱରେ ସବୁଠୁ ଆର୍ଥିକ ରୂପରେ ବିଷମ ଦେଶ। ଏକ ପ୍ରତିଶତ ଧନୀକ ଶ୍ରେଣୀଙ୍କ ହାତରେ ଆମ ରାଷ୍ଟ୍ରୀୟ ସମ୍ପ ି ର ୪୦. ୧ ପ୍ରତିଶତ ଅଂଶ ଅଛି। ଶୀର୍ଷ ୧୦ ପ୍ରତିଶତ ଧନୀକ ପାଖରେ ଦେଶର ୭୭ ପ୍ରତିଶତ ସମ୍ପତି ଅଛି ଯାହା ଯଶସ୍ୱୀ ପ୍ରଧାନ ମନ୍ତ୍ରୀଙ୍କ ଅବଦାନ ! ଅନ୍ୟପକ୍ଷରେ ନିମ୍ନସ୍ତରରେ ଥିବା ୫୦ ପ୍ରତିଶତ ଲୋକମାନଙ୍କର ଆୟରେ ଅତି କଷ୍ଟରେ ୧ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳୁଛି। "ଗ୍ଲୋବାଲ ହଙ୍ଗର ଇନଡେକ୍ସ " ରେ ଭାରତ ୧୨୫ ଦେଶ ମଧ୍ୟରୁ ୧୧୧ ସ୍ଥାନରେ ଅଛି। ସରକାର ଏ ସୁଚନା ବିଷୟରେ ଆଲୋଚନା କରିଥିଲେ ମଧ୍ୟ ପ୍ରକୃତ ତଥ୍ୟ ହେଉଛି ଆମର ୮୦ ପ୍ରତିଶତ ଜନସଂଖ୍ୟା ଆଜି ମଧ୍ୟ ସରକାରଙ୍କ ଦ୍ୱାରା ପ୍ରଦ ମାସିକ ଖାଦ୍ୟ ସହାୟତା ରେ ଜୀବିତ ଅଛନ୍ତି।

ନୀତି ଆୟୋଗଙ୍କ ଯୁକ୍ତି ଅନୁସାରେ ୨୦୧୫ ରୁ ୨୦୨୫ ମଧ୍ୟରେ ପାଖା ପାଖି ୧୩.୫ କୋଟି ଲୋକଙ୍କୁ ଗରୀବି ରେଖା ଉପରକୁ ଉନ୍ନିତ କରାଯାଇଛି ଯାହା ଏକ ବଳିଷ୍ଠ ପଦକ୍ଷେପ। କିନ୍ତୁ ଏହି ବି.ପି.ଏଲ/ ଗରୀବି ରେଖା ଉପରେ ଅନେକ ଯୁକ୍ତି-ତର୍କ, ଆଲୋଚନା, ପର୍ଯ୍ୟାଲୋଚନା ଲାଗିରହିଛି। ଯଦିଓ କିଛି ଲୋକଙ୍କୁ ଗରିବୀ ରେଖା ଉପରକୁ ଉଠାଯାଇଛି ତଥାପି ସେମାନେ ଯେ ଅନିଶ୍ଚିତତା ଭିତରେ କାଳାତିପାତ କରୁଛନ୍ତି। ରୋଗ, ଶିକ୍ଷା, ବୈବାହିକ ଖର୍ଚ୍ଚର ମୁକାବିଲା ପାଇଁ ଅନେକ ପୁନର୍ବାର ଗରିବୀ ରେଖାତଳକୁ ଚାଲି ଆସୁଛନ୍ତି, ଏଥିପାଇଁ ରାଜନେତା, ପ୍ରଶାସନ,ଅମଲା ଦାୟୀ ନୁହେଁକି ? ଦଃଖର କଥା ଆଜିବି ବିଶେଷ ଅଧିକାର ବ୍ୟକ୍ତି ବିଶେଷ ଚକ୍ ମକ୍ ଜିନିଷ, ମହଙ୍ଗା ରେଷ୍ଟୁରା ଏବଂ ବ୍ୟୟବହୁଳ ଦୋକାନରୁ ନିଜର ପରିବାର ସହିତ କିଣାବିକା କରି ବାହାରେ ଥିବା ନିଜର ବାତାନୁକୁଳ ଚାରିଚକିଆରେ ପ୍ରବେଶ କରି ଯାଉଥିବା ବେଳେ ଫୁଟପାଥ ଓ ପୋଲତଳେ ରହୁଥିବା ଲୋକଙ୍କ ଉପରେ ତାଙ୍କ ଦୃଷ୍ଟି ପଡିନଥାଏ। ଆଜିର ଭାରତ ଏହି ଗରିବ ଓ ଧନୀକ ଶ୍ରେଣୀର ଲୋକମାନଙ୍କୁ ନେଇ ରହିଛି। ମାତ୍ର ଏହା ସତ୍ୟ ଯେ ଧନୀକ ଶ୍ରେଣୀ କେବେହେଲେ ଗରିବ ଙ୍କ ଠୁ ଅଲଗା ହୋଇ ଏକ ପୃଥକ ଗଣତନ୍ତ୍ର ତିଆରି କରିପାରିବନି ତେଣୁ ପ୍ରତ୍ୟେକ ଗରୀବ ସରୋବର ବସ୍ତି ମଧ୍ୟରେ କିଛି ଅମୀରି ପଦ୍ମ ବିକଶିତ ହେଉଥିବା ବେଳେ ସେମାନେ ଭୂଲିଯାଆନ୍ତି ଗରିବର ସରୋବର ସେମାନଙ୍କ ବିକଶିତର ଏକମାତ୍ର ମାର୍ଗ। ଆଜି ମଧ୍ୟ ଦେଶରେ ବେକାରୀ, ମହଙ୍ଗାଇ ର ସଫଳ ମୁକାବେଲା ସରକାର କରି ପାରିନାହାଁନ୍ତି, ଯେତେ ତ ି ଫଟା ଭାଷଣ ଦେଲେ ମଧ୍ୟ ସତ୍ୟ କେଭେ ଲୁଚି ରହେନା। ବିଶ୍ୱରେ ଯେତିକି ସମ୍ପଦ ସୃଷ୍ଟି ହେଉଛି ଯଦି ତା'ର କିଛି ଅଂଶ ଗରୀବଙ୍କ ପାଖରେ ପହ ିପାରନ୍ତା ତେବେ ଏ ଆର୍ଥିକ ଅସମାନତା ଦୁର ହେବା ସହ ଧନୀକ ଶ୍ରେଣୀ ଗରୀବ ସରୋବରରେ ପଦ୍ମ ପରି ବିକଶିତ ହୋଇନଥାନ୍ତେ।

*ଉମାଶଙ୍କର ପ୍ରସାଦ,*
ସମ୍ପାଦକ ମାର୍ଗଦର୍ଶୀ,
ଖୋରଧା (୬୩୭୦୬ ୭୫୫୬୨୦

# ଜଳବାୟୁ ପରିବ ର୍ନ ଓ ପରିବେଶ ସଙ୍କଟ- ଏକ ସମୀକ୍ଷା

୨୦୨୪ ଦେଶର ଲୋକସଭା ଓ କେତେକ ରାଜ୍ୟରେ ବିଧାନସଭା ପାଇଁ ନିର୍ବାଚନ ବିଗୁଲ ବାଜିବା ସହ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ବିଭିନ୍ନ ଦଳ ବିଶେଷକରି ବିଜେପ, କଂଗ୍ରେସ, ଆମ ରାଜ୍ୟର ବିଜେଡି ଓ ଅନ୍ୟାନ୍ୟ ରାଜନୈତିକ ଦଳ ସେମାନଙ୍କର ଇସ୍ତାହାର ପ୍ରକାଶ କରିଛନ୍ତି । ନିର୍ବାଚନ ଆସିଲେ ନିର୍ବାଚନ ପୂର୍ବରୁ ବିଭିନ୍ନ ଦଳ ବିଭିନ୍ନ ପ୍ରକାର ଇସ୍ତାହାର ପ୍ରକାଶ କରିଥାନ୍ତି । କିନ୍ତୁ ନିର୍ବାଚନ ସରିଗଲେ ଇସ୍ତାହାର ଇସ୍ତାହର ବାଟରେ ଓ କାମ ହୁଏ ଗୋଟିଏ ବାଟରେ । ଅନ୍ୟ ଅର୍ଥରେ କହିଲେ ଇସ୍ତାହାର ଅନୁସାରେ କାର୍ଯ୍ୟ ହୁଏ ନାହିଁ । ସେଥିପାଇଁ କୁହାଯାଏ ଚଷା ହୁଡିଲେ ବରଷେ, ଭୋଟର ହୁଡିଲେ ପା ବରଷ । ବ ର୍ମାନ ସାରା ବିଶ୍ୱ ସମେତ ଆମଦେଶ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତନ୍ମଧ୍ୟରୁ ଜଳବାୟୁ ପରିବ ର୍ନ ଓ ପରିବେଶ ପ୍ରଦୂଷଣ ସଙ୍କଟ ଏକ ଗମ୍ଭୀର ସମସ୍ୟା ରୂପେ ଉଭା ହୋଇଛି । ଜୀବଜଗତ ପାଇଁ ଏହା ଏକ ଆହ୍ୱାନ ଏଭଳି ପରିସ୍ଥିତିରେ ସବୁ ତାଜନୈତିକ ଦଳ ସେମାନଙ୍କ ଇସ୍ତାହାରରେ ଏହି ଦୁଇଟି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବା ଜରୁରୀ ମନେହୁଏ । ରେ ଜଳବାୟୁ ପରିବ ର୍ନ ସାରା ବିଶ୍ୱ ପାଇଁ ଏକ ବିପଦ ଭାବେ ଉଭା ହୋଇଛି । ଏହାର ପ୍ରଭାବରେ ଅନେକ ବିପଦ ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି । ଏଥି ପାଇଁ ସତର୍କତା ଅବଲମ୍ବନ ଜରୁରୀ ବୋଲି ପାଣିପାଗ ବିଜ୍ଞାନୀମାନେ କହୁଛନ୍ତି ।

ଅସ୍ୱାଭିବିକ ଜଳବାୟୁ ପରିବ ର୍ନ , ତାପାୟନ ବୃଦ୍ଧି ଓ ପରିବେଶ ପ୍ରଦୂଷଣ ଯୋଗୁଁ ଅଚାନକ ବନ୍ୟା, ମରୁଡି, ସାମୁଦ୍ରିକ ଜୁଆର, ବାତ୍ୟା ଭଳି ସଙ୍କଟ ଆଡକୁ ସମଗ୍ର ବିଶ୍ୱ ଠେଲିହୋଇଯିବାର ଅନୁମାନ କରାଯାଉଛି । ଏସବୁ ଅଭାବନୀୟ ଘଟଣା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ବିଶ୍ୱ ତାପାୟନବୃଦ୍ଧି ଏହାର ଏକ ମୁଖ୍ୟ ଘଟଣା ବୋଲି କୁହାଯାଉଛି । ଏକ ଆକଳନ ଅନୁସାରେ ଏହି ତାପାୟନ ବୃଦ୍ଧିଯୋଗୁ ତାପମାତ୍ରାରେ ବୃଦ୍ଧି ସହିତ ବିଶ୍ୱ ସ୍ତରରେ ଜଳବାୟୁ ପରିବ ର୍ନ ହେବାର ଯଥେଷ୍ଟ କାରଣ ରହିଛି । ଏକ ହିସାବ ଅନୁସାରେ ଖୁବ୍ ନିକଟରେ ପୃଥିବୀର ୩୮-୪୦ପ୍ରତିଶତ ଭୂଭାଗ ବ ର୍ମାନ ତୁଳାନରେ ଏକ ଭିନ୍ନ ଜଳବାୟୁ ଜୋନ୍‌ରେ ପ୍ରବେଶ କରିଥିବ । ଏବଂ ଆଗକୁ ପୃଥରବୀର ଭୂଭାଗର ପ୍ରାୟ ୫୦ପ୍ରତିଶତ ଅଜଣା ଜଳବାୟୁ କ୍ଷେତ୍ରରେ ରୂପାନ୍ତରିତ ହେବ । ଆକଳନରୁ ଜଣାପଡିଛି ଯେ ବିଶ୍ୱ ତାପନହାର ବଢିଚାଲିବ । ଏହା ଦ୍ୱାରା ପୃଥିବୀର ଅଧିକ ଅ ଳ ମରୁଭୂମି ପାଲଟିବ । ସେହିପରି କୃଷିକ୍ଷେତ୍ର ପ୍ରଭାବିତ ହୋଇ ଖାଦ୍ୟ ଉତ୍ପାଦନ ଉପରେ ପ୍ରଭାବ ମଧ୍ୟ ପକାଇବ । ବିଶ୍ୱର ଥଣ୍ଡା ଜୋନରେ ଥିବା ଦେଶଗୁଡିକ ଗରମ ଜୋନ୍‌କୁ ଆସିବା ସହିତ ଗରମ ଜୋନ ଥିବା ଅର୍‌ଚଳଗୁଡିକରେ ଅଧିକ ଗରମ ହେବା ଆଶଙ୍କା କରାଯାଉଛି ।

ଜଳବାୟୁ ପରିବ ର୍ନର ଏହି ପ୍ରଭାବ ଆମ ଦେଶରେ ମଧ୍ୟ ପରିଲକ୍ଷିତ ହେଉଛି । ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟ ସୃଷ୍ଟି ହୋଇଥିବା ବେଳେ ପରବ ୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯



ହିମାଂଶୁ ଶେଖର ଆଚାର୍ଯ୍ୟ

ଥିଲା। ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟ ସାମ୍ନା କରିଛି ଓଡିଶା। ସୂଚନାଯୋଗ୍ୟ ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା। ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡିଶା ଉପକୂଳ ଦେଇ ଯାଇଛି। ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ। ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ। ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କୁ ଘାରୁଛି। ସତେ ଯେମିତି ଲଘୁଚାପ ଦେଖାଉଛି ବାତ୍ୟା ଓ ବନ୍ୟା ଡର। ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବ ର୍ନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି। ବିଗତ ଦିନରେ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅ ଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଛି। ସେହିପରି ୨୦୧୫ରେ ଭୟଙ୍କର ଭୂକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସୁକିମ୍, ଭୁଟାନ୍, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉ ରାଖଣ୍ଡ ମହାପ୍ରଳୟକୁ ଏବେ ପା ବର୍ଷ ପୁରିବାକୁ ଯାଉଛି। ସେହି ପ୍ରଳୟର କଥା ମନେପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ। ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟାକୁ ଆମେ ଭୁଲିପାରିବା ନାହିଁ ।ସଦ୍ୟପ୍ରାପ୍ତ ସୂଚନା ଅନୁସାରେ ୨୦୫୦ ସୁଦ୍ଧା ମରୁଭୂମି ପାଲଟିବ ବଲାଙ୍ଗୀର ବୋଲି ଜଣାପଡିଛି । ୧୯୦୧ରୁ ୧୯୫୦ ମସିହା ଭିତରେ ଜିଲ୍ଲାରେ ବର୍ଷକୁ ୬୭ଦିନ ବର୍ଷା ହେଉଥିଲା ୧୯୫୦ ରୁ ୧୯୯୦ ମସିହାରେ ତାହା ୫୯ ଦିନକୁ ଆସିଛି। ଏବେ ବର୍ଷାଦିନ ସଂଖ୍ୟା ୫୦ ତଳେ ରହିଛି । ପରିଣାମ ସ୍ୱରୂପ ବଲାଙ୍ଗୀର ଜିଲ୍ଲା କ୍ରମାଗତ ମରୁଡିର ସମ୍ମୁଖୀନ ହେଉଛି ।

ବିଶ୍ୱ ତାପାୟନ ଓ ଜଳବାୟୁ ପରିବ ର୍ନ ବ ର୍ମାନ ସମୟରେ ଏକ ବଡ ଆହ୍ୱାନ । ଆମକୁ ମନେରଖିବାକୁ ହେବ ଯେ, କେବଳ ଆମର ସୁରକ୍ଷା ନୁହେଁ ଉ ରପିଢିର ସୁରକ୍ଷା ଦାୟିତ୍ୱ ହିଁ ଆମ ଉପରେ ନ୍ୟସ୍ତ ।ଏବେ ପୁଣି ମହାମାରୀ କରୋନାର ପ୍ରଭାବ ବିଶ୍ୱତାପାୟନ ଓ ଜଳ ବାୟୁ ପରିବ ର୍ନ ଉପରେ କି ପ୍ରଭାବ ପକାଇବ ସେ ବିଷୟରେ ଚିନ୍ତା କରିବାର ଅଛି କୁହାଯାଉଛି ଯେ କରେନା ଜନିତ ଲକଡାଉନ ଓ ସଟଡାଉନ ଯୋଗୁଁ ଗଙ୍ଗାନଦୀ ର ଜଳ ନିର୍ମଳ ଓ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ର ମାତ୍ରା ମଧ୍ୟ ହାସ୍ର ପାଇଛି ଆଗାମୀ ଦିନରେ ଏହାକି ମୋଡ ନେବ ଓ ପରିବେଶ ଉପରେ କିପରି ପ୍ରଭାବ ପକାଇବ ଓ ତାକୁ ଦେଖବାକୁ ବାକି ରହିଲା । ଏହି ଜଳବାୟୁ ପରିବ ର୍ନ ଆମ ଦେଶର ଅର୍ଥନୀତିକୁ ୨୦୨୧ ମସିହାରେ ପ୍ରଭାବିତ କରିଛି । ୨୦୪୦ ମସିହା ବେଳକୁ ଦେଶର ଦାରିଦ୍ର୍ୟ ହାର ୩.୫ପ୍ରତିଶତ ବୃଦ୍ଧି ହୋଇପାରେ ବୋଲି ଏକ ରିପୋର୍ଟରୁ ଜଣାପଡିଛି। ଖାଲି ସେତିକି ନୁହେଁ ବିଂଶ ଶତାବ୍ଦୀ ଆରମ୍ଭରୁ ପୃଥିବୀର ୧୪.୧୭ ପ୍ରତିଶତ ଭୂଭାଗର ଜଳବାୟୁ ପରିବ ର୍ନ ହୋଇଛି । ଉ ର ଆମେରିକା, ୟୁରୋପ, ଓସେନିୟାର ସର୍ବାଧିକ ପରିବ ର୍ନ ହୋଇଛି।ବିଶେଷଜ୍ଞଙ୍କ ମତ ଅନୁସାରେ ତାପମାତ୍ରା ବୃଦ୍ଧି ଯୋଗୁଁ ସମୁଦ୍ର ପ ନ ଆହୁରି ବଢିବାର ସମ୍ଭାବନା । ଫଳସ୍ୱରୂପ ପ୍ରାକୃତିକ ବିପର୍ଯ୍ୟୟ ବଢି ବଢି ଯିବ । ଏଣୁ ଏଦିଗରେ ଅଧିକ ସତର୍କ ଓ ସଚେତନ ରହିବା ଆବଶ୍ୟକ । ଏହାହିଁ ସମୟର ଆହ୍ୱାନ।

ଜଗତସିଂହପୁର
ମୋ :୯୯୩୭୧୫୧୦୫୨

# ଭୋଟ ଦାନ : ଗଣତନ୍ତ୍ରର ମହାନ ଗଣପର୍ବ

ଆମେ ସମସ୍ତେ ଏକ ଏକ ମାନସିକତାକୁ ନେଇ ବଞ୍ଚୁଛେ। ସୁଖ, ଶାନ୍ତି, କର୍ମମୟ ଓ ଧାଁ ଧଉଡ଼ ଜୀବନ ଭିତରେ ସୁମାନସିକତା ହିଁ ଶ୍ରେଷ୍ଠ ଜୀବନର ରାସ୍ତା ଦେଖାଇଥାଏ। ଅନେକ ମାନସିକତା ଭିତରୁ ଭୋଟଦାନ ଅର୍ଥାତ ନିଜ ମୌଳିକ ଗଣତାନ୍ତ୍ରିକ ଅଧିକାରକୁ ନିଶ୍ଚିନ୍ତ ସାବ୍ୟସ୍ତ କରିବା ଅନ୍ୟତମ। ଅନେକ କ୍ଷେତ୍ରରେ ଦେଖାଯାଏ ଭୋଟଦାନ ଦିନ ଛୁଟି ବ୍ୟବସ୍ଥା ଥିଲେ ମ୍ଭ ଅନେକ ଭୋଟ ଦେବାକୁ ପସନ୍ଦ କରିନଥାନ୍ତି। ଗଣତନ୍ତ୍ରର ଏପରି ମହାନ ପାର୍ବଣରେ ଆମେ ସାମିଲ ନହେବା କିପରି ? ଭାରତ ପରି ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆମେ ଅତ୍ୟନ୍ତ ଭାଗ୍ୟବାନ ଓ ଗୌରବାନ୍ୱିତ ଯେ ପ୍ରତି ପାଞ୍ଚବର୍ଷରେ ଥରେ ଲୋକ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥାରେ ଆମ୍ଭେମାନେ ଆମ ପ୍ରତିନିଧିଙ୍କୁ ନିର୍ବାଚିତ କରିଥାଉ। ନିଶ୍ଚିନ୍ତ ମୋ ଭୋଟଦାନ ଅଧିକାର ସାବ୍ୟସ୍ତ କରିବି ଆଉ ଗଣତନ୍ତ୍ରର ଏହି ବିଶାଳ ପର୍ବରେ ଅନ୍ୟ ମାନଙ୍କୁ ସାମିଲ କରିବି ଏହି ବଜ୍ର ସଂକଳ୍ପ, ଆବେଗ ଓ ଭଲପାଇବା ଗଣତନ୍ତ୍ରକୁ ମଜଭୁତ କରିଥାଏ। ଭୋଟଦାନ ମାନସିକତାକୁ ଏକ ଆବେଗରେ ରଖି ଏହାକୁ ନିଶ୍ଚିନ୍ତ ସ'ଳ କରାଇବା ପରି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପାପର ଭୂମିକାରୁ ଆଦୌ ପଛଘୁଞ୍ଚା ଦେବାନାହିଁ। ଚଳିତ ନିର୍ବାଚନରେ ଆମ "ଭୋଟଦାନ-ଏକ ଗଣତାନ୍ତ୍ରିକ ସୁସ୍ଥ ଆବେଦନର ମାନସିକତା' ସ'ଳ କରିବା ପାଇଁ ସମସ୍ତଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ। ଆମ ଭାରତ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଭୋଟ ଦାନ ବ୍ୟବସ୍ଥାରେ ନାଗରିକମାନେ ନିଜ ପ୍ରତିନିଧିମାନଙ୍କୁ ନିର୍ବାଚିତ କରିଥାନ୍ତି। ଗଣତନ୍ତ୍ରର ଜୀବନରେଖା କହିଲେ ଏହା ଅତ୍ୟୁକ୍ତି ହେବନାହିଁ। ରାଜନୈତକ ପୃଷ୍ଠଭୂମିକୁ ଦେଖିଲେ ଏହି ଗଣତନ୍ତ୍ର ବ୍ୟବସ୍ଥାର ମହାନ ଗଣପର୍ବ ନାଗରିକର ଅଧିକାର ଓ ସମ୍ମିଳିତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ। ଚଳିତ ଅର୍ଥାତ୍ ୨୦୨୪ ନିର୍ବାଚନ ଆରମ୍ଭ ହୋଇଯାଇଛି। କହିବାକୁ ଗଲେ ୧୯୫୧ରେ ଦେଶର ପ୍ରଥମ ନିର୍ବାଚନ ଅନୁଷ୍ଠିତ ହୋଇଥିବାରୁ ପାଖାପାଖି ୭୩ ବର୍ଷ ପରେ ଚଳିତ ବର୍ଷର ଅଷ୍ଟାଦଶ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଉଛି। ଗଣତନ୍ତ୍ରର ମହାପାର୍ବଣ ନିର୍ବାଚନ ଆସିଯାଇଛି। ସବୁ ଉତ୍କଣ୍ଠାର ଅନ୍ତ ଘଟି ଭୋଟ ବିଗୁଲ ବାଜିସାରିଲାଣି। ପାଞ୍ଚବର୍ଷରେ ଥରୁଟିଏ ଆସିଥିବା ଏ ଭୋଟ ମହାପର୍ବରେ ସାରା ଓଡ଼ିଶା ସାମିଲ ହେବ। ନିଜ ପସନ୍ଦର ନେତା ପ୍ରତିନିଧିଙ୍କୁ ଓଡ଼ିଶାବାସୀ ବାଛିବେ। ମେ, ଜୁନ୍‌ରୁ ୪ ପର୍ଯ୍ୟାୟରେ ଏହି ଭୋଟଦାନର ବ୍ୟବସ୍ଥା ରହିଛି। ତେବେ ଚଳିତ ଥର ତାତିଲା ତାଓ୍ୱାରେ ସମଗ୍ର ଓଡ଼ିଶା ଭାଜି ହେଉଥିବା ବେଳେ କିନ୍ତୁ ମତଦାନ କେନ୍ଦ୍ରରେ ହେବ ଭୋଟଦାନ। ଭୋଟ-୨୪ ନେଇ ରାଜନୈତିକ ଦଳର ନେତା ଓ କର୍ମୀଙ୍କ ସହ ଭୋଟରଙ୍କ ଭିତରେ ବେଶ୍ ଜୋସ୍ ଆଉ ଉତ୍ସାହ ପ୍ରକାଶ ପାଇଛି। ଏ ଯାଏଁ ଭୋଟର ତାଲିକାରେ ଆସନ୍ତା ନିର୍ବାଚନ ପାଇଁ ୩ କୋଟି ୩୫ ଲକ୍ଷ ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ସର୍ବକାଳୀନ ରେକର୍ଡ ଭାବେ ୮ ଲକ୍ଷ ଯୁବ ଭୋଟର ଯୋଡ଼ି ହୋଇଛନ୍ତି। ମହିଳା ଭୋଟରଙ୍କ ସଂଖ୍ୟା ମ୍ଭ ବେଶ୍ ଉତ୍ସାହଜନକ ଭାବେ ବଢ଼ିଛି। ଉତ୍ସୁକତାର ସହ ଭୋଟରମାନେ ଗଣତନ୍ତ୍ରର ଏହି ମହାପର୍ବକୁ ଅପେକ୍ଷା କରିଛନ୍ତି। ରାଜ୍ୟରେ ଅବାଧ, ନିରପେକ୍ଷ ଓ ମୁକ୍ତ ମତଦାନ ପାଇଁ



ଡାକ୍ତର ସମ୍ରାଟ କର

ଭୋଟର ତାରିଖ ଘୋଷଣା ସହ ଲାଗୁ ହୋଇଛି ଆଦର୍ଶ ଆଚରଣ ବିଧି। ଆମ ଭାରତ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଭୋଟ ଦାନ ବ୍ୟବସ୍ଥାରେ ନାଗରିକମାନେ ନିଜ ପ୍ରତିନିଧିମାନଙ୍କୁ ନିର୍ବାଚିତ କରିଥାନ୍ତି। ଗଣତନ୍ତ୍ରର ଜୀବନରେଖା କହିଲେ ଏହା ଅତ୍ୟୁକ୍ତି ହେବନାହିଁ। ରାଜନୈତିକ ପୃଷ୍ଠଭୂମିକୁ ଦେଖିଲେ ଏହି ଗଣତନ୍ତ୍ର ବ୍ୟବସ୍ଥାର ମହାନ ଗଣପର୍ବ ନାଗରିକର ଅଧିକାର ଓ ସମ୍ମିଳିତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ। ଐତିହାସିକ ତଥ୍ୟ ଅନୁଯାୟୀ ଗ୍ରୀସ୍ ହେଉଛି ଗଣତନ୍ତ୍ରର ଜନନୀ ଓ ୫୦୮ ଶତାବ୍ଦୀରେ ଗଣତାନ୍ତ୍ରିକ ଆଧାର ବ୍ୟବସ୍ଥାରେ ଶାସନ ବ୍ୟବସ୍ଥା ପରିଚାଳନା ହୋଇଥିଲା। ସମ୍ପ୍ରତି ନିର୍ବାଚନ ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ପ୍ରଥମ ଦୁଇ ଭୋଟଦାନ ପର୍ଯ୍ୟାୟରେ ମତଦାନ ଗତ ଲୋକସଭା ନିର୍ବାଚନଠାରୁ କମିଛି। ପର୍ଯ୍ୟବେକ୍ଷକଙ୍କ ମତ ଯେ ଶିକ୍ଷିତ ଓ ସମ୍ପନ୍ନ ବର୍ଗଙ୍କ ଉଦାସୀନତା, ଅସହ୍ୟ ଗ୍ରୀଷ୍ମ ତାତି, ଦଳୀୟ ସଂକଳ୍ପ ପତ୍ରରେ ସ୍ଥାନୀୟ ସମସ୍ୟାକୁ ଉପେକ୍ଷା ଏବଂ ପ୍ରାର୍ଥୀ ମନୋନୟନ ଅଭିଜ୍ଞତା ଓ ଦକ୍ଷତା ଆଦିର ଅଭାବ ଆଦି ମତଦାତାଙ୍କ ଅନୁପସ୍ଥିତିର କାରଣ। ଯଦି ଶତପ୍ରତିଶତ ମତଦାନ ବାଧ୍ୟତାମୂଳକ ହୋଇଥା'ନ୍ତା ଏହି ଅନୁପସ୍ଥିତ ଭୋଟରମାନେ ନିଶ୍ଚୟ 'ନୋଟା'ରେ ଭୋଟ ଦେଇଥା'ନ୍ତେ। ଏ ପର୍ଯ୍ୟନ୍ତ 'ନୋଟା' ଭୋଟର ପରିମାଣ ଦେଢ଼ରୁ ଦୁଇ ପ୍ରତିଶତ ଭିତରେ ରହିଛି। ବାଧ୍ୟତାମୂଳକ ଭୋଟ ହେଲେ ଏହା କେତେ ପ୍ରତିଶତ ହେବ ତାହା ସହଜରେ ଅନୁମେୟ। ତେଣୁ 'ନୋଟା' ବ୍ୟାବହାରିକ ପକ୍ଷରୁ ଆଇନତଃ ସୁରକ୍ଷିତ କଲେ ପ୍ରତିନିଧିମୂଳକ ଗଣତନ୍ତ୍ର ଯେ ଆହୁରି ସୁଦୃଢ଼ ହେବ ଏଥିରେ ସନ୍ଦେହ ନାହିଁ।ବ୍ୟାପକ ପଦକ୍ଷେପ ସତ୍ତ୍ୱେ ଭୋଟହାର ବୃଦ୍ଧି ନପାଇବା ବାସ୍ତବିକ ଏବେ ଏକ ସାମାଜିକ ଆହ୍ୱାନ ଭାବେ ପରିଗଣିତ ହେଲାଣି। ୨୦୧୪ ଓ ୨୦୧୯ରେ ଏକା ସମୟରେ ଲୋକସଭା ଓ ବିଧାନ ସଭା ନିର୍ବାଚନ ହୋଇଥିବାରୁ ଓଡ଼ିଶାରେ ମତଦାନ ହାର ୭୩%ରେ ସୀମିତ ଥିଲା। ୨୦୧୯ରେ ୫୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହାର ରାଜ୍ୟ ହାର ଠାରୁ କମ ରହିଥିବାବେଳେ ୨୩ ବିଧାନସଭା କ୍ଷେତ୍ରରେ ଜାତୀୟ ହାର ଠାରୁ କମ ରହିଥିଲା। ସେହିପରି ୮ଟି ଲୋକସଭା କ୍ଷେତ୍ରରେ ମତଦାନ ହାର ରାଜ୍ୟ ହାର ଠାରୁ ମ୍ଭ କମ ରହିଥିଲା। ଏପରିକି ରାଜଧାନୀ ଭୁବନେଶ୍ୱରରେ ମତଦାନ ହାର ୫୦%ରୁ କମ ଥିଲା। ଖୋଦ ରାଜଧାନୀରେ ମତଦାନ ହାର ଅଧାରୁ କମ ରହୁଥିବାବେଳେ ରାଜ୍ୟରେ ଅନ୍ୟ ସହର କିମ୍ବା ଜିଲ୍ଲାରେ ମତଦାନ ହାରରେ ଅଭିବୃଦ୍ଧି ଆଣିବା କିଛି କମ କଷ୍ଟସାଧ୍ୟ ନୁହେଁ। ଜନ ସଚେତନତା ଓ ଦାୟିତ୍ୱବୋଧତା ହିଁ ଗଣତନ୍ତ୍ରର ମହାନ ପର୍ବରୁ ସା'ଲ୍ୟ ମଣ୍ଡିତ କରିପାରିବ। ସେଥିପାଇଁ ପ୍ରତିବର୍ଷ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ରାଜ୍ୟରେ ମତଦାନ ହାର ବୃଦ୍ଧି କରିବା ଲକ୍ଷ୍ୟରେ ଯୋଜନାବଧ ଭାବେ ସଚେତନତା ପାଇଁ ଅଭିନବ କାର୍ଯ୍ୟକ୍ରମ ହାତକୁ ନେବା ଲାଗି ଜିଲ୍ଲା ନିର୍ବାଚନ ଅଧିକାରୀ, ବ୍ୟବସ୍ଥିତ ଶିକ୍ଷା ଓ ନିର୍ବାଚନରେ ଅଂଶ ଗ୍ରହଣ (ଏସ୍‌ଭିଇଇପି) ନୋଡାଲ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯୁବ, ମହିଳା, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ତୃତୀୟ ଲିଙ୍ଗୀ ଭୋଟମାନଙ୍କ ସୁବିଧା ସୁନିଶ୍ଚିତ କରାଯାଇଛି। ତେଣୁ ଏଥର ମତଦାନ ହାର ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟରେ ଏଥର ୩.୩୨ କୋଟି ଭୋଟର ମତଦାନ ଅଧିକାର ସାବ୍ୟସ୍ତ କରିବେ। ତେବେ ଗୁରୁତ୍ୱପୂର୍ଣ୍ଣ ହେଉଛି ଏଥର ୧୮-୧୯ ବର୍ଷ ମ୍ଭରେ ଭୋଟରଙ୍କ ସଂଖ୍ୟା ପୂର୍ବାପେକ୍ଷା ଦୁଇ ଲକ୍ଷ ବୃଦ୍ଧି ପାଇ ୭.୫୫ ଲକ୍ଷ୍ୟରେ ପହଞ୍ଚିଛି। ପ୍ରଥମ ଥର ମତଦାନ ପାଇଁ ୪.୭ ଲକ୍ଷ (୧୮-୧୯ ବର୍ଷ) ନୂଆ ଭୋଟରଙ୍କୁ ଯୋଡ଼ାଯାଇଛି। ନୂଆ ଭୋଟର ମ୍ଭ ମତଦାନ ହାର ବୃଦ୍ଧିରେ ବଡ଼ ଭୂମିକା ନେବେ ବୋଲି ଆଶା କରାଯାଉଛି। ତେଣୁ ୨୦୨୪ ନିର୍ବାଚନରେ ଓଡ଼ିଶା ନୂଆ ମତଦାନ ହାର ଦେଖିବା ସମ୍ଭାବନା ଉଜ୍ଜ୍ୱଳ ବୋଲି କୁହାଯାଇଛି। ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନା ପରିଚାଳନା ହେଉଥିବା ବେଳେ ପ୍ରତ୍ୟେକ ନାଗରିକ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାକୁ ଆଗେଇ ଆସିବା ଉଚିତ। ଭାରତର ଏହି ମହାନ ଗଣପର୍ବରେ ଆସନ୍ତୁ ଆମେ ସମସ୍ତେ ସାମିଲ ହୋଇ ଆମ ମୂଲ୍ୟବାନ ଭୋଟଟି ପ୍ରଦାନ କରିବା।

*ମାନସିକ ରୋଗ ବିଶେଷଜ୍ଞ,*
*ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

# ଗାଁ ଠାକୁରାଣୀ ଈଶ୍ୱରାମ୍ମା

ଅଳ୍ପ କେତେଜଣ ଯୋଗଜନ୍ମା ଜଗତରେ ଜନ୍ମ ଗ୍ରହଣ କରନ୍ତି। ଯାହା ସାଧାରଣ ଲୋକେ ତାଙ୍କ ଜୀବନରେ କରିପାରନ୍ତି ନାହିଁ,ଏହି ଯୋଗଜନ୍ମାଗଣ ତାହା କରି ଦେଖାଇ ଦେଇପାରନ୍ତି। ସମସ୍ତେ ଜାଣନ୍ତି ଲୋକ ମାନଙ୍କର ଉପକାର କରିବା ହିଁ ସର୍ବୋଚ୍ଚ ଧର୍ମ। କିନ୍ତୁ ତାହା ନକରି କେବଳ ମନ୍ଦିର ମସଜିଦ୍ ଓ ଗୀର୍ଜାକୁ ଯାଆନ୍ତି। ନିଜର ସ୍ୱାର୍ଥ ପାଇଁ ପ୍ରାର୍ଥନା କରନ୍ତି, ନିଜ ମାନସିକ ଚରିତାର୍ଥ କରିବା ପାଇଁ ମୁଣ୍ଡ ବାଡ଼ାନ୍ତି, ଆଖିରୁ ଲୁହ ଝରାନ୍ତି, କିନ୍ତୁ ପଡ଼ୋଶୀ ମାନଙ୍କ ପାଇଁ, ଗ୍ରାମବାସୀ ମାନଙ୍କ ପାଇଁ ବା ଅଭାବୀ ଲୋକଙ୍କ ପାଇଁ ବ୍ୟସ୍ତ ହୁଅନ୍ତି ନାହିଁ। ଯେଉଁ କେତେକ ମୁଷ୍ଟିମେୟ ଲୋକ ତାହା କରନ୍ତି ସେମାନେ ତାଙ୍କ ଜୀବନାନ୍ତେ ସହସ୍ର ଲୋକଙ୍କ ମନରେ, ସମାଜ ଆଖିରେ ତଥା ଇତିହାସରେ ଚିରଞ୍ଜିବୀ ହୋଇଯାଆନ୍ତି। ଏଥିପାଇଁ ପ୍ରାଥମିକ ଆବଶ୍ୟକତା ହେଉଛି ଅନ୍ୟ ମାନଙ୍କ କଷ୍ଟରେ ବ୍ୟଥିତ ହେଉଥିବା ହୃଦୟଟିଏ। ନିଜର ଆର୍ଥିକ ଶକ୍ତି ନ ଥିଲେ ମଧ, ଶାରୀରିକ ଶକ୍ତି ନଥିଲେ ମଧ, ଶିକ୍ଷାଗତ ଯୋଗ୍ୟତା ନଥିଲେ ମଧ, ଅନ୍ୟକୁ କହି ପୋଛି, ବାରମ୍ବାର ଦୌଡ଼ି ଦୌଡ଼ି ଦରକାର ପଡ଼ିଲେ ନେହୁରା ହୋଇ ତାଙ୍କ ଇପ୍‌ସିତ୍ କାମଟି କରାଇ ନିଅନ୍ତି। ଉଦାହରଣ ସ୍ୱରୂପ କଟକର ବାଇମୁଣ୍ଡି, ଅନ୍ୟ ଏକ ଉଦାହରଣ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ମାତା। ଏମାନେ ବହୁ ଅତୀତର ଲୋକ। ଏବେକାର ସଦ୍ୟ ଉଦହାରଣ ହେଉଛନ୍ତି ମାତା ଈଶ୍ୱରାମ୍ମା। ବର୍ତ୍ତମାନ ସମୟର ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାର କର୍ଣ୍ଣାଟନାଗପଲ୍ଲୀର ସୁବ୍ବାରାଜୁଙ୍କ କନ୍ୟା ଭାବେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ଶ୍ରୀ ସୁବାରାଜୁ ଶିବ ଭକ୍ତ ଥିବାରୁ ଗ୍ରାମରେ ଏକ ଶିବ ମନ୍ଦିର ତୋଳାଇ ପୂଜାଆରାଧନା ଚଳାଇଥିଲେ। ତାଙ୍କ କନ୍ୟା ଈଶ୍ୱରାମ୍ମାଙ୍କ ପୂର୍ବ ନାମ ଥିଲା ନାମଗିରି ଆମ୍ମା। ବିବାହ ପରେ ତାଙ୍କ ଶ୍ୱଶୁର ତାଙ୍କ ନାମ ବଦଳାଇ ରଖିଥିଲେ ଈଶ୍ୱରାମ୍ମା। ସେ ବିଶେଷ କିଛି ଶିକ୍ଷା ଲାଭ କରି ନଥିଲେ। ଗୃହକର୍ମ ଓ ସ୍ୱାମୀ, ସନ୍ତାନ, ଶାଶୁ, ଶ୍ୱଶୁରଙ୍କ ଦାୟିତ୍ୱ ବୁଝୁ ବୁଝୁ ତାଙ୍କ ସମୟ ଚାଲିଯାଉଥାଏ। ଘଟଣାକ୍ରମେ ତାଙ୍କ ଅଷ୍ଟମ ଗର୍ଭର ସନ୍ତାନ ସତ୍ୟସାଇ ବାବା ନାମରେ ବିଖ୍ୟାତ ହେଲେ। ତଥାପି ସେ ସମୟରେ ଅନେକ ଲୋକ ତାଙ୍କୁ ସନ୍ଦେହ ଚକ୍ଷୁରେ ଦେଖୁଥିଲେ। ନିଜ ପରିବାର ଲୋକେ ମଧ୍ୟ। ସନ୍ଦେହ, ବିଶ୍ୱାସ, ଅବିଶ୍ୱାସ ଓ ଲୋକନିନ୍ଦା ଭିତରେ ଦିନ ଯାଉଥାଏ। ପୁଅର ନିନ୍ଦା ମାଆକୁ ସବୁଠାରୁ ବେଶୀ କଷ୍ଟଦାୟକ ହେଉଥାଏ। ନିଜର ବଂଶ ଉପରେ ବିଶ୍ୱାସ ନିଜର ମାତୃତ୍ୱ ଉପରେ ବିଶ୍ୱାସ, ଶ୍ୱଶୁର ଓ ଗୁରୁଙ୍କ କଥାରେ ବିଶ୍ୱାସକୁ ନେଇ ଏକ



*ଇଂ.ସଚ୍ଚିଦାନନ୍ଦ ନନ୍ଦ*

ଆନ୍ଦୋଳିତ ମନ ସହିତ ମାତାଙ୍କ ଆଖିର ଲୁହ ହିଁ କେବଳ ତାଙ୍କୁ ଆଶ୍ୱାସନା ଦେଉଥାଏ। ପରିଶେଷରେ ସତ୍ୟର ବିଜୟ ହୁଏ ଏବଂ ଧୀରେ ଧୀରେ ଲୋକ ଅପବାଦ ଦୂରେଇଯାଏ। ଏ ସବୁ ସତ୍ତ୍ୱେ ମାତାଙ୍କ ହୃଦୟ ତା କାମ କରିବାରେ ପଛାଉ ନଥାଏ। ଦିନେ ପୁଅକୁ ଡାକି କହିଲେ, 'ତୁ ଛୋଟ ଥିଲାବେଳେ ଯେଉଁ ହଇରାଣ ହୋଇ ଦୂର ଗାଁରେ ଥିବା ସ୍କୁଲକୁ ଯାଉଥାଉ ମୋ ମନର ଅବସ୍ଥା କ'ଣ ହେଉଥିଲା ତାହା ମୁଁ ଜାଣେ। ଆଜି ବି ଅନେକ ଛୋଟ ପିଲା ଅନେକ ହୀନସ୍ଥା ହୋଇ ଦୂର ଗାଁକୁ ଦିଅକ୍ଷର ଶିଖିବା ପାଇଁ ଯାଉଛନ୍ତି। ସେଥିରେ ପୁଣି ବର୍ଷାଦିନ, ଖରାଦିନ, ଶୀତଦିନ ସବୁ ଅଛି। ଏଇ ଛୋଟ ପିଲାଙ୍କ ପାଇଁ ଆମ ଗାଁରେ ଗୋଟିଏ ସ୍କୁଲ ଘର ତୋଳି ଦିଅନ୍ତୁନାହିଁ। ପିଲା ଓ ତାଙ୍କ ବାପା ମାଆ ମାନେ ଆଶ୍ୱସ୍ତ ହୁଅନ୍ତେ। ମାଆଙ୍କ ଇଚ୍ଛାକୁ ଗୁରୁତ୍ୱ ଦେଇ ସ୍କୁଲ ଘରଟିଏ କରାଗଲା, ମାଆ ଦାନ କରିଥିବା ଯାଗା ଉପରେ। କିଛିଦିନ ଗଲାପରେ ମାଆ ଆଉଥରେ ସୁଯୋଗ ଦେଖି ପୁଅ ପାଖକୁ ଆସିଲେ। ପୁଅ ପଚାରିଲେ ମାଆ କ'ଣ କହିବାକୁ ଅଛି କି? ମାଆ ବଡ଼ ସନ୍ତର୍ପଣରେ କହିଲେ, ସ୍କୁଲ ହେଲା ପରେ ମୁଁ ଭାରି ଖୁସି। ହେଲେ ଆମ ଗାଁରେ ପିଇବା ପାଣିର ଘୋର ଅଭାବ। ଯୋଉ ପାଣି ମିଳୁଛି ତାହା ପିଇବା ଉପଯୁକ୍ତ ନୁହେଁ। ଗାଁର ମହିଳାମାନେ ଦୂରବର୍ତ୍ତୀ ଗାଁରେ ଥିବା କୂଅରୁ ପାଣି ବୋହି ଆଣିବାରେ ବହୁତ କଷ୍ଟ ପାଉଛନ୍ତି। ସେମାନଙ୍କ କଷ୍ଟ ଦୂର କରିପାରିଲେ ମୁଁ ଆନନ୍ଦରେ ରହି ପାରନ୍ତି। ଏଥର ମଧ୍ୟ ମାଆର ଇଚ୍ଛା ପୂରଣ କରାଗଲା। ଗ୍ରାମରେ କେତୋଟି କୂଅ ଖୋଳା ଗଲା, ଜଳକଷ୍ଟ ଦୂର ହେଲା। ଗାଁ ମହିଳାମାନଙ୍କ ପାଣି ବୋହି ଆଣିବା କଷ୍ଟ ଦୂର ହେଲାରୁ ସେମାନେ ଯେତିକି ଆଶ୍ୱସ୍ତ ନହେଲେ ମାଆ ଈଶ୍ୱରାମ୍ମା ସବୁଠାରୁ ବେଶୀ ଶାନ୍ତିରେ ନିଶ୍ୱାସ ମାରିଲେ। ପୁଣି ଦିନେ ପୁଅ ଦେଖିଲା, ମାଆ ଆସି ଖଣ୍ଡେ ଦୂରରେ ବସିଛନ୍ତି, ପାଖକୁ ଆସୁ ନାହାନ୍ତି। ପୁଅ ଆଦରରେ ପାଖକୁ ଡାକି ପଚାରିଲା, ମାଆ ଆଜି ନିଶ୍ଚେ ଆଉ କିଛି କଥା ଅଛି। ଯଦି ଥାଏ ନିର୍ଭୟରେ କୁହ। ମାଆ ଥଙ୍ଗ ଥଙ୍ଗ ହୋଇ କହିଲେ ତୁ କ'ଣ ଦେଖିପାରୁ ନାହୁଁ ଯେ ମୋତେ କହିବାକୁ ପଡ଼ିବ। ଆମର ଏ ଅଞ୍ଚଳରେ ଯାତାୟତ ସୁବିଧା ନାହିଁ। ସାମାନ୍ୟ ଜ୍ୱର ସର୍ଦ୍ଦି ହେଲେ ବି ଲୋକେ ଔଷଧ ପାଇଁ କି ଅବସ୍ଥା ହେଉଛନ୍ତି। ଛୁଆ ପିଲାଙ୍କୁ ଧରି ସେ ଗାଁ ବା ଦୂର ଗାଁକୁ ଯିବା କି କଷ୍ଟ। ଲୋକେ ବହୁତ ହଇରାଣ ହେଉଛନ୍ତି ଯାହା ମୋତେ ବଡ଼ କଷ୍ଟ ଲାଗୁଛି। ପୁଅକୁ ଆଉ କିଛି କହିବା ଆଗରୁ ସେ ବୁଝିଗଲେ ମାଆର ମନ କଥା। ଏ ପାଖେ ମନେ ମନେ ଖୁସି ହେଲେ ଯେ କି ବିଶାଳ ତଥା ଦରଦି ହୃଦୟ ବିଶିଷ୍ଟ ମାଆ ପାଇଛନ୍ତି ସେ। ସମସ୍ତେ ଏଭଳି ମାଆ ପାଆନ୍ତେ କି? ଅଳ୍ପ ଦିନ ପରେ ଗାଁରେ ଡାକ୍ତରଖାନା ଟିଏ ବସିଲା। ମାଆ ଖୁସି, ପୁଅ ଖୁସି, ଗ୍ରାମବାସୀ ଖୁସି, ପାଖ ଗାଁ ଲୋକେ ବି ଖୁସି। ଲୋକେ କଥା ବର୍ତ୍ତା ହେଲେ ଈଶ୍ୱରାମ୍ମା ଆମ ଗାଁ ଠାକୁରାଣୀ। ଲୋକଙ୍କ ଦୁଃଖର ସମଦୁଃଖିନୀ ଜଣେ ମହିଳା, ହାତରେ କିଛି ନଥାଇ ବି ଲୋକଙ୍କ ପାଇଁ ସବୁକିଛି କରିଦେଇ ପାରିଥିଲେ। ଆଜି ତାଙ୍କ ଶ୍ରାଦ୍ଧ ଦିବସରେ ତାଙ୍କୁ ସଭକ୍ତି ଶତକୋଟି ପ୍ରଣାମ।

***ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫***

